# ପାରଳାଖେମୁଣ୍ଡି ରେଳଷ୍ଟେଶନ ନବୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ




ପାରଳାଖେମୁଣ୍ଡି,୨୬।୨(ଗିରିଧାରୀ ପରିଛା): ଅମୃତ ଭାରତ ଷ୍ଟେଶନ ଯୋଜନାରେ ପାରଳାଖେମୁଣ୍ଡି ରେଳ ଷ୍ଟେଶନର ନବୀକରଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଭିଡିଓ କନ୍‌ଫରେନ୍ସରେ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ରେଳ ଷ୍ଟେଶନ ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ , ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ, ପାରଳା ରାଜକୁମାରୀ କଲ୍ୟାଣୀ ଗଜପତି, ଭାଜପା ନେତା ଭୃଗୁ ବକ୍ସିପାତ୍ର ଓ ରେଳ ବିଭାଗ ଅଧିକାରୀମାନେ ଉପସ୍ଥିତ ରହି ନାମଫଳକ ଉଦଘାଟନ କରିଥିଲେ। ସ୍ୱାଧୀନତା ପୂର୍ବରୁ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଆରମ୍ଭ କରିଥିବା ଏହି ରେଳପଥ ଓ ଷ୍ଟେଶନର ଉନ୍ନତୀକରଣ ଆରମ୍ଭ ହୋଇଥିବା ଯୋଗୁଁ ସମସ୍ତେ ପ୍ରଧାନମନ୍ତ୍ରୀ ଓ ରେଳ ମନ୍ତ୍ରାଳୟକୁ ଧନ୍ୟବାଦ ଦେଇଥିଲେ। ବ୍ରହ୍ମପୁର ଏମ୍‌ପି ଏବଂ ପାରଳା ବିଧାୟକ ଏହି ରେଳପଥ ଓ ଷ୍ଟେଶନର ଉନ୍ନତି ପାଇଁ ବିଭିନ୍ନ ସମୟରେ ରେଳମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇଥିଲେ। ଆଗାମୀ ଦିନରେ ଷ୍ଟେଶନ ପ୍ରବେଶ ପଥରେ ଏକ ଉଦ୍ୟାନ ନିର୍ମାଣ ହେବ। ଉକ୍ତ ଉଦ୍ୟାନ ମଧ୍ୟ ଭାଗରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଏକ ପ୍ରତିମୂର୍ତ୍ତି ନିର୍ମାଣ କରାଗଲେ ତାହା ମହାରାଜାଙ୍କ ପ୍ରତି ସଠିକ ଶ୍ରଦ୍ଧାଞ୍ଜଳି ହେବ ବୋଲି ବିଧାୟକ ରେଳ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ। ସେହିପରି ଏହି ରେଳପଥ ଓ କାଶୀନଗର ଠାରେ ଷ୍ଟେଶନର ଉନ୍ନତୀକରଣ ପାଇଁ ରେଳ ମନ୍ତ୍ରାଳୟ ସହ ବିଧାୟକ ଆଲୋଚନା କରିଥିବା କହିଛନ୍ତି। ଏହି ଅବସରରେ ରାୟଗଡ଼ା ରେଳ ଡିଭିଜନ ସମେତ ଗୁଣପୁର-ଥେରୁବାଲି ରେଳପଥ ଦାବି ଉଠିଥିଲା। ସୂଚନାଯୋଗ୍ୟ, ସମଗ୍ର ଭାରତରେ ଅମୃତ ଭାରତ ଷ୍ଟେଶନ ଯୋଜନାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୫୫୪ ରେଳ ଷ୍ଟେଶନର ଉନ୍ନତୀକରଣ ଏବଂ ୧୫୦୦ ରୋଡ ଓଭର ବ୍ରିଜ ଏବଂ ଅଣ୍ଡରପାସ ନିର୍ମାଣ କରାଯାଉଛି। ସେଥି ମଧ୍ୟରେ ଥିବା ପାରଳାଖେମୁଣ୍ଡି ରେଳ ଷ୍ଟେଶନ ଉନ୍ନତୀକରଣ ପାଇଁ ୧୬ କୋଟି ଟଙ୍କା ଅନୁଦାନ ମିଳିଛି।

## ସ୍ତ୍ରୀଙ୍କ କାଠଫାଳିଆ ମାଡ଼ରେ ସ୍ୱାମୀ ମୃତ

ଦାରିଙ୍ଗବାଡ଼ି,୨୬।୨(ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀଙ୍କ କାଠ ଫାଳିଆ ମାଡ଼ରେ ରବିବାର ସ୍ୱାମୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ନେତ୍ର ମାଝୀ(୬୩)। ନେତ୍ରଙ୍କ ପୁଅ ଓ ବୋହୂ ବାହାର ରାଜ୍ୟରେ ରହୁଥିବା ବେଳେ ସେ ସ୍ତ୍ରୀ ଶୁଭନ୍ତିଙ୍କ ସହ ଦାରିଙ୍ଗବାଡି ବ୍ଲକ ସିଆଙ୍ଗବାଲିରେ ରହୁଥିଲେ। ରବିବାର କୌଣସି ଘଟଣାକୁ ନେଇ ନେତ୍ର ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ନେତ୍ର ରାଗିଯାଇ ସ୍ତ୍ରୀ ପିନ୍ଧିଥିବା କାନ ଫୁଲକୁ ଟାଣିଦେଇଥିଲେ। ଶୁଭନ୍ତି ଯନ୍ତ୍ରଣା ସହି ନ ପାରି ପାଖରେ ଥିବା ଏକ କାଠ ଫାଳିଆରେ ସ୍ୱାମୀ ନେତ୍ରଙ୍କ ମୁଣ୍ଡକୁ ପିଟିଦେଇଥିଲେ। ଫଳରେ ସେ ଘଟଣାସ୍ଥଳରେ ଟଳିପଡ଼ିଥିଲେ। ଏ ନେଇ ତାଙ୍କ ସମ୍ପର୍କୀୟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି (ନଂ.୨୯ /୨୪) ଏକ ହତ୍ୟା ମାମଲା ରୁଜୁକରି ଅଧିକା ତଦନ୍ତ କରୁଥିବା ଆଇଆଇଆସି ଆନନ୍ଦ ଚନ୍ଦ୍ର ପାତ୍ର କହିଛନ୍ତି।

# କେନ୍ଦ୍ରୀୟ ଟିମ୍‌ର ପବିଙ୍ଗିଆ ଓ ମାସିରିପଡ଼ା ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ




ଫିରିଙ୍ଗିଆ,୨୬।୨(ବିକ୍ରମ ଦିଗାଲ)– ସ୍ୱାସ୍ଥ୍ୟ ବିଭାଗର କେନ୍ଦ୍ରୀୟ ଦୁଇଜଣିଆ ଟିମ ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା ପବିଙ୍ଗିଆ ଓ ମାସିରିପଡ଼ା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗର ଏହି ଡାକ୍ତରୀ ଟିମ ପହଞ୍ଚି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀ ମାନଙ୍କ ସହ ଅଞ୍ଚଳର ଆଶା ଓ ଅଙ୍ଗନୱାଡି କର୍ମୀ ମାନଙ୍କ ସହ ଆରୋଗ୍ୟ କେନ୍ଦ୍ର ମାଧ୍ୟମରେ ଦିଆଯାଉଥିବା ସୁବିଧା ସୁଯୋଗ ରୋଗୀ ସେବା ଓ ଆରୋଗ୍ୟ କେନ୍ଦ୍ରଗୁଡ଼ିକର ସ୍ୱଚ୍ଛ ପରିବେଶ ବିଷୟରେ ଆଲୋଚନା କରିଥିଲେ। ଡାକ୍ତରୀ ଟିମରେ ୱେଷ୍ଟ ବେଙ୍ଗଲର ଡାକ୍ତର ନିରଞ୍ଜନ ଗଙ୍ଗୋପାଧ୍ୟାୟ ନାମକ ଜଣେ ବରିଷ୍ଠ ଡାକ୍ତର ଥିବା ବେଳେ ଅନ୍ୟଜଣେ ଆନ୍ଧ୍ରପ୍ରଦେଶର ଡାକ୍ତର ରବିକୁମାର ମନ୍ତ୍ରୀ ଉପସ୍ଥିତ ଥିଲେ। ଏହି ଟିମ ଗସ୍ତ ସମୟରେ ଫିରିଙ୍ଗିଆ ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରବୋଧ କୁମାର ପ୍ରଧାନଙ୍କ ସହ ଅତିରିକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁମନ୍ତ କୁମାର ମାଝୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ ହରଗୋବିନ୍ଦ ଜାନି, ବିଏଏମ୍ ସୁଜିତ ମହାନ୍ତି, ବିଡ଼ିଏମ ପ୍ରତ୍ୟୁଷ କାନ୍ତି, ଏମ୍‌ଟିଏସ ଶରତ ମହାପାତ୍ର, ଜିଲା ସ୍ୱାସ୍ଥ୍ୟ ବିଭାଗର ଏଡିପିଏଚ୍‌ଓ ଡାକ୍ତର ପ୍ରଭାକର ସାହୁ, ଏଏମକ୍ୟୁ ସୁଶାନ୍ତ ସୁତାର ପବିଙ୍ଗିଆ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ମହିଳା ସ୍ୱାସ୍ଥ୍ୟ କର୍ମୀ ସୁଜାତା ବେହେରା, ମାସରିପଡ଼ା କେନ୍ଦ୍ରର ମହିଳା ସ୍ୱାସ୍ଥ୍ୟ କର୍ମୀ ଝିଲି ନାୟକ, ସିଏଚଓ ଚିନ୍ମୟୀ ଶତପଥୀ, ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଶରତ କୁମାର କହଁର ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ବାଲିଗୁଡ଼ା,୨୬।୨

(ସଞ୍ଜୟ କୁମାର ପାଣିଗ୍ରାହୀ)

ନାବାଳିକାକୁ ଅପହରଣ ଓ ବଳାତ୍କାର ଅଭିଯୋଗରେ ବାଲିଗଡ଼ା ପୋଲିସ ସୋମବାର ଜଣେ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ତୁମୁଡ଼ିବନ୍ଧ ଥାନା ଅନ୍ତର୍ଗତ ପାଙ୍ଗାପଡ଼ା ଗ୍ରାମର ଶପନ ପାଟ୍ଟମାଝୀ। ଘର ନିର୍ମାଣ କାମ କରିବାକୁ ଯାଇ ଗୁମୁଡୁମାହାରୁ ଘର ମାଲିକଙ୍କ ସମ୍ପର୍କୀୟଙ୍କ ୧୭ ବର୍ଷର ନାବାଳିକା ଝିଅକୁ ଗତ ଡିସେମ୍ବର ୨୬ ତାରିଖରେ ଅପହରଣ କରିନେଇ ବଳାତ୍କାର କରିବା ପରେ ବାଲିଗୁଡ଼ାରେ ଛାଡ଼ି ଚାଲିଯାଇଥିଲେ ଅଭିଯୁକ୍ତ। ସମ୍ପୃକ୍ତ ନାବାଳିକା ନିଜ ଘରକୁ ଯାଇ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ପରିବାର ଲୋକେ ବାଲିଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୬ ପୋକ୍ସୋ ଦଫା ଅନୁଯାୟୀ ପାଙ୍ଗାପଡ଼ା ଗ୍ରାମରୁ ଅଭିଯୁକ୍ତ ଶପନ ପାଟ୍ଟମାଝୀକୁ ସୋମବାର ଗିରଫ କରିଥିବା ଥାନାଧିକାରୀ ସୁଶାନ୍ତ ସାହୁ ସୂଚନା ଦେଇଛନ୍ତି।

# ନୂତନ ବିଡିଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଗୁମ୍ମା,୨୬।୨(ପ୍ରବୀଣ କୁମାର ଲିମା)

ଗଜପତି ଜିଲା ଗୁମ୍ମା ବ୍ଲକରେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବିଡିଓ ଯଶ୍ୱିନ କୁମାର ପ୍ରଧାନଙ୍କ ସହ ସୋମବାର ଗୁମ୍ମା ବ୍ଲକର ପ୍ରତ୍ୟେକ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟମାନେ ସାକ୍ଷାତ କରି ସ୍ୱାଗତ ଜଣାଇଥିଲେ। ଏହି ସଭାରେ ଜିଲା ପରିଷଦ ଅଧ୍ୟକ୍ଷ ଗାରା ତିରୁପତି ରାଓ, ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ, ବ୍ଲକ ଉପାଧ୍ୟକ୍ଷ ଶ୍ରୀନିବାସ ରାଓ, ଏସ୍‌ଡିସି ମେମ୍ବର ମସୁଲନ ରଇତ ଉପସ୍ଥିତ ଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ବ୍ଲକର ସରପଞ୍ଚ ଓ ସମିତି ସଭ୍ୟାସଭ୍ୟମାନଙ୍କୁ ନୂଆ ବିଡିଓଙ୍କ ସହ ମିଳିମିଶି ବ୍ଲକ ବା ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଗୁମ୍ମା ବ୍ଲକ ୨୦ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟା, ସଭ୍ୟ ଓ ଲିଡରମାନେ ଉପସ୍ଥିତ ଥିଲେ।

# ମା' ବରାଳ ଦେବୀଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ପାଇଁ ଶୋଭାଯାତ୍ରା

ବାଲିଗୁଡ଼ା,୨୬।୨

(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ସହରର ଅଧିଷ୍ଠାତ୍ରୀ ଦେବୀ ମା' ବରାଳ ଦେବୀଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ପାଇଁ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ପ୍ରଥମେ ଅଙ୍କୁରା ରୋପଣ ପୂଜା ସମାପ୍ତ ହେବା ପରେ ସୋମବାର ଅନୁଷ୍ଠିତ ହୋଇଛି କଳସ ଶୋଭାଯାତ୍ରା। ମା' ବରାଳ ଦେବୀଙ୍କ ପୀଠରେ ସକାଳ ନୀତି ସମାପନ ହେବାପରେ ହଜାର ହଜାର ଭକ୍ତ ଶ୍ରଦ୍ଧାଳୁମାନେ ଏକତ୍ରିତ ହୋଇ ନାମ ସଂକୀର୍ତ୍ତନ ସହ ଖଡ଼ଗ ନଦୀ କୂଳରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା କରି ଜଳ ନେଇ ନାମ ସଂକୀର୍ତ୍ତନ ସହ ବିରାଟ କଳସ ଶୋଭାଯାତ୍ରାରେ ମାଙ୍କ ପୀଠକୁ ଯାଇଥିଲେ। ଏହି କାର୍ଯ୍ୟକ୍ରମ ପାଞ୍ଚ ଦିନ ଧରି ଚାଲିବ। ମଙ୍ଗଳବାରଠାରୁ ୨୪ ପ୍ରହର ନାମଯଜ୍ଞ, ଘୃତ ଯଜ୍ଞ, ଅନ୍ନ ଯଜ୍ଞ ସହ ରତ୍ନମୁଦ, ମନ୍ଦିର ପ୍ରତିଷ୍ଠା ସହ ମା'ଙ୍କ ବିଗ୍ରହ ପ୍ରତିଷ୍ଠା ହେବାର କାର୍ଯ୍ୟକ୍ରମ ରହିଥିବା କହିଛନ୍ତି ଟୁନା ଦାସ। ଏହି ଅବସରରେ ବିଧାୟକ ଚକ୍ରମଣି କହଁର ଯୋଗଦେଇ ବାଲିଗୁଡ଼ା ଅଞ୍ଚଳର ଜନସାଧାରଣଙ୍କ ମଙ୍ଗଳ କାମନା କରିଛନ୍ତି ମା'ଙ୍କ ନିକଟରେ। ଏହି ଅବସରରେ ବିଧାୟକଙ୍କ ସମେତ ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଅଜୟ ମହାରଣା, ଏନ୍‌ଏସି ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ବିଧାୟକ ପ୍ରତିନିଧି ଅବନୀକାନ୍ତ ନାୟକଙ୍କ ସମେତ ହଜାର ହଜାର ଭକ୍ତ ଯୋଗଦେଇ ମା'ଙ୍କ ଭକ୍ତିକୃପା ଲାଭ କରିଛନ୍ତି।

# ଗଜପତିରେ ୨ ରୂପାନ୍ତରିତ ଆମ ହସ୍ପିଟାଲ ଉଦ୍‌ଘାଟିତ

ପାରଳାଖେମୁଣ୍ଡି,୨୬।୨(ଗିରିଧାରୀ ପରିଛା)

ଗଜପତି ଜିଲାରେ ୨ଟି ରୂପାନ୍ତରିତ ଆମ ହସ୍ପିଟାଲ ସୋମବାର ଉଦ୍‌ଘାଟିତ ହୋଇଛି। ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟ ୫ କୋଟି ୬୮ ଲକ୍ଷ ୮୧ ହଜାର ଟଙ୍କାରେ ରୂପାନ୍ତରୀକରଣ କରାଯାଇଥିବା ବେଳେ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ୨ କୋଟି ୭୮ ଲକ୍ଷ ଟଙ୍କାରେ ରୂପାନ୍ତରୀକରଣ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ , ସମ୍ମାନିତ ଅତିଥି ଭାବେ ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଗଜପତି ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ କୁମାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଡ଼.ଗୁଣନିଧି ନାୟକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଦୀପ କୁମାର ପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ଜନ ପ୍ରତିନିଧି ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ।

# ତୁମୁଡ଼ିବନ୍ଧ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ

ତୁମୁଡିବନ୍ଧ,୨୬।୨(ଦୀପକ କୁମାର ପରାସେଠ)

ତୁମୁଡିବନ୍ଧ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଷଷ୍ଠ ବାର୍ଷିକ ଉତ୍ସବ ମହା ଆଡମ୍ବରରେ ଆୟୋଜିତ ହୋଇଯାଇଛି। ପରିଚାଳନା ସମିତିର ସଭାପତି ପୁରୁଷୋତ୍ତମ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଲିଗୁଡା ବିଧାୟକ ଚକ୍ରମଣି କହଁର ଯୋଗଦେଇ ଶିଶୁ ମନ୍ଦିରର ସଂସ୍କାର, ସଂସ୍କୃତି ଓ ଶିକ୍ଷାଦାନ ଅନନ୍ୟ ଏବଂ ଏହି ଅନୁଷ୍ଠାନର ଉନ୍ନତି ନିମନ୍ତେ ସବୁପ୍ରକାର ଉଦ୍ୟମ କରାଯିବ ବୋଲି ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ନେତାଜୀ ସୁଭାଷ ଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ସୁନୀଲ କୁମାର ପାତ୍ର ଯୋଗଦେଇ ତୁମୁଡିବନ୍ଧ ଅଞ୍ଚଳରେ ଶିକ୍ଷାର ବିକାଶରେ ଉଭୟ କଲେଜ ଓ ଶିଶୁ ମନ୍ଦିରର ଭୂମିକା ଉପରେ ଆଲୋକପାତ କରିଥିଲେ। ପୂର୍ବତନ ବିଧାୟକ ରାଜୀବ ପାତ୍ର, ଜିଲା ପରିଷଦ ସଦସ୍ୟ ନବୀନ ଚନ୍ଦ୍ର ପାତ୍ର, ସମିତିସଭ୍ୟା ସୁଭଦ୍ରା ବେହେରଦଳାଇ, ଉପଦେଷ୍ଟା ଲକ୍ଷ୍ମୀଧର ସାହୁ, ରାମକୃଷ୍ଣ ପାଢ଼ୀ, ସଂକୁଳ ପ୍ରମୁଖ ତୀର୍ଥବାସୀ ଘଡେଇ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ହୀରାଲାଲ ପ୍ରଧାନ ବାର୍ଷିକ ବିବରଣୀ ପଠନ କରିଥିଲା ବେଳେ ପ୍ରଧାନାଚାର୍ଯ୍ୟ କୈଳାଶ ଚନ୍ଦ୍ର ଧଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବାର୍ଷିକ ମୁଖପତ୍ରର ପ୍ରଥମ ଅର୍ଘ୍ୟ ମାଳମହକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଶିଶୁମାନଙ୍କୁ ଅତିଥି ମାନେ ପୁରସ୍କାର ବଣ୍ଟନ କରିଥିଲେ। ଜ୍ୟୋତି ପ୍ରକାଶ ସାହୁଙ୍କୁ ଶ୍ରେଷ୍ଠ ଶିଶୁ ଭାବରେ ପୁରସ୍କୃତ କରାଯାଇଥିଲା। ପରେ ମାତୃଭାରତୀର ସଭାପତି ମଧୁସ୍ମିତା ବେହେରାଙ୍କ ସଂଯୋଜନାରେ ପିଲାମାନେ ପ୍ରତିଭା ପ୍ରଦର୍ଶନ କରିଥିଲେ। ଉପ ସଭାପତି ପ୍ରସନ୍ନ ସାହୁ, ଯୁଗ୍ମ ସମ୍ପାଦକ ମୁରଲୀଧର ମହାପାତ୍ର, କୋଷାଧ୍ୟକ୍ଷ ବିଶ୍ୱନାଥ ସାହୁ, ସଦସ୍ୟ କୁନ୍ତଳା ମାଝୀ, ସୁବାସିନୀ ଦେଶୀନାୟକ, ଉମାକାନ୍ତ ପାତ୍ର, ଚନ୍ଦ୍ରମଣି ପଣ୍ଡା, କୈଳାଶ ଚନ୍ଦ୍ର ପାଢ଼ୀ, ସୁଶାନ୍ତ ପାତ୍ର, ବିଭୂତି ଭୂଷଣ ମଲ୍ଲିକ, ମାମି ପାଢ଼ୀ, ପ୍ରକାଶ ସାହୁ, ଆରକ୍ଷିତ ମାଝୀ, ମୋତିରାମ ନାୟକ, ବିବନ୍ଧ ପରିଛା, ସୁମନ ନାୟକ, ନିରଦ ଦେଶୀନାୟକ, ପ୍ରମୋଦ ବସନ୍ତିଆ, ସୁରେଶ ପାତ୍ର, ଅରୁଣ ପଟ୍ଟନାୟକ, ପ୍ରଶାନ୍ତ ସାହୁ, ସ୍ୱସ୍ତିକ ପାତ୍ର, ପ୍ରଶାନ୍ତି ସାହୁ, ସସ୍ମିତା ପଣ୍ଡା, ସରସ୍ୱତୀ ନାୟକ, ଜ୍ୟୋତ୍ସ୍ନା ରାଣୀ କହଁର, ଜ୍ୟୋତ୍ସ୍ନାରାଣୀ ପାତ୍ର, ସ୍ନେହଲତା ଲେଙ୍କା, ଯଶୋଦା ପାତ୍ର, କେତକୀ ନାୟକ, ସୁନୀଲ ନାୟକ, ପରେଶ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ : ବାଲେଶ୍ୱର**
ମାଣିଖମ୍ବ, ଓଟି ରୋଡ୍, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧, ଇ-ମେଲ୍: crld.robalasore@unionbankofindia.bank, ମୋ.: ୮୯୨୮୯୧୭୪୧୧

**ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ଧାରା ୮(୬) ଏବଂ ୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ନୋଟିସ୍

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ "ଗଠନାତ୍ମକ / ସାଙ୍କେତିକ / ଭୌତିକ ଦଖଲ" ନେଇ "ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୧୪.୦୩.୨୦୨୪ରିଖରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି। ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା। ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ମଧ୍ୟ ନିମ୍ନରେ ପ୍ରଦାନ କରାଗଲା।

**କେନ୍ଦୁଝର ଶାଖା-୧, ଜିଲ୍ଲା: କେନ୍ଦୁଝର, ଫୋନ୍ ନଂ.: ୮୨୧୦୮୬୯୩୬୦, ଇ-ମେଲ୍: ubin0553808@unionbankofindia.bank**

| ଋଣଗ୍ରହୀତା / କୋ-ଆପ୍ଲିକାଣ୍ଟ / ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ଋଣଗ୍ରହୀତା: ଅନିଲ କୁମାର ପାଢ଼ୀ, ପିତା: ଚୈତନ୍ୟ ପାଢ଼ୀ, ସା: କାଶିପୁର, ପୋ: କେନ୍ଦୁଝର, ଥାନା: ଟାଉନ, ଜିଲ୍ଲା: କେନ୍ଦୁଝର, ଓଡିଶା-୭୫୮୦୦୧ / କୋ-ଆପ୍ଲିକାଣ୍ଟ/ଗ୍ୟାରେଣ୍ଟିଦାତା: ସୁନିଲ କୁମାର ପାଢ଼ୀ, ସା: କାଶିପୁର, ପୋ: କେନ୍ଦୁଝର, ଥାନା: ଟାଉନ, ଜିଲ୍ଲା: କେନ୍ଦୁଝର, ଓଡିଶା-୭୫୮୦୦୧ | ତା ୨୮.୦୨.୨୦୧୯ ରିଖ ସୁଦ୍ଧା ଟ.୪୯,୬୨,୧୮୫/- ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ଦେୟ |

ସମ୍ପତ୍ତିର ବିବରଣୀ-୧: ଅନିଲ କୁମାର ପାଢ଼ୀଙ୍କ ନାମରେ ଥିବା ଖୋଲା ଜମିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୮୦, ୧୮୧, ୧୮୧/୨୨୪୦, ଖାତା ନଂ: ୨୭୬/୨୪୪, କ୍ଷେତ୍ର: ଏକର ୧.୨୨ ଡିସିମିଲି, ମୌଜା: ନେଲୁଙ୍ଗ, ଏସ୍‌ଆରଓ: କେନ୍ଦୁଝର, ଜିଲ୍ଲା: କେନ୍ଦୁଝର, ଏହାର ଚାରିପାର୍ଶ୍ୱରେ ଉତ୍ତର: ସରକାରୀ ଜମି, ଦକ୍ଷିଣ: ସରକାରୀ ଜମି, ପୂର୍ବ: ସରକାରୀ ଜମି, ପଶ୍ଚିମ: ସରକାରୀ ଜମି ଏବଂ ଶ୍ରୀ କଳା ପାତ୍ର
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୭,୧୬,୧୫୦/- / ଅମାନତ ଜମା: ଟ.୧,୭୧,୬୧୫/-

| ଋଣଗ୍ରହୀତା / କୋ-ଆପ୍ଲିକାଣ୍ଟ / ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ଋଣଗ୍ରହୀତା: ଶ୍ରୀ ସୁନିଲ କୁମାର ପାଢ଼ୀ, ପିତା: ଶ୍ରୀ ଚୈତନ୍ୟ ପାଢ଼ୀ, ସା: ମାଗୁରଗାଡିଆ, ପୋ.: କେନ୍ଦୁଝର, ଜିଲ୍ଲା: କେନ୍ଦୁଝର-୭୫୮୦୦୧ / କୋ-ଆପ୍ଲିକାଣ୍ଟ/ଗ୍ୟାରେଣ୍ଟିଦାତା: ଶ୍ରୀ ରବିନ ଚନ୍ଦ୍ର ରଣା, ପିତା: ଶ୍ରୀ ରାମ ଚନ୍ଦ୍ର ରଣା, ସା/ପୋ.: ନେଲୁଙ୍ଗ, ଥାନା: କେନ୍ଦୁଝର ଟାଉନ, ଜିଲ୍ଲା: କେନ୍ଦୁଝର-୭୫୮୦୦୨ | ୩୦.୦୬.୨୦୧୮ ସୁଦ୍ଧା ଟ.୨୩,୦୭,୨୭୦/- ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ଦେୟ |

ସମ୍ପତ୍ତିର ବିବରଣୀ-୨: ଶ୍ରୀ ସୁନିଲ କୁମାର ପାଢ଼ୀଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୬୮/୨୦୪୧, ୧୮୦/୨୨୩୩, ୧୮୦/୨୨୩୪ ଏବଂ ୧୬୮, ଖାତା ନଂ.: ୨୭୬/୨୪୫, ମୌଜା: ନେଲୁଙ୍ଗ, ଜିଲ୍ଲା: କେନ୍ଦୁଝର, କ୍ଷେତ୍ର: ଏକର୧.୨୨ଡିସିମିଲି, ବିକ୍ରୟ ଦଲିଲ ଅନୁସାରେ ଉତ୍ତର: ଜଙ୍ଗଲ ଏବଂ ସନାତନ ପାତ୍ର, ଦକ୍ଷିଣ: ଷ୍ଟୋନ୍ ମାଇନିଂ ଏବଂ ପକା ନାଳ, ପୂର୍ବ: ନାହିଁ, ପଶ୍ଚିମ: ନାହିଁ। ଷ୍ଟେଚ୍/ରେଭିନ୍ୟୁ ମ୍ୟାପ୍ ଅନୁସାରେ ପ୍ଲଟ୍ ନଂ.: ୧୬୮/୨୦୪୧ ଏବଂ ୧୬୮ ପାଇଁ ଉତ୍ତର: ପ୍ଲଟ୍ ନଂ.: ୧୮୩, ଦକ୍ଷିଣ: ପ୍ଲଟ୍ ନଂ.: ୧୫୮, ପୂର୍ବ: ପ୍ଲଟ୍ ନଂ.: ୧୬୯ (ପ୍ଲଟ୍ ନଂ.: ୧୬୯ରୁ ପ୍ଲଟ୍ ନଂ.: ୧୮୦ ଏବଂ ପ୍ଲଟ୍ ନଂ.: ୧୭୨ ମଧ୍ୟରେ ସରକାରୀ ଜମି ସଂଯୁକ୍ତ), ପଶ୍ଚିମ: ପ୍ଲଟ୍ ନଂ.: ୧୬୭, ପ୍ଲଟ୍ ନଂ.: ୧୮୦/୨୨୩୩ ଏବଂ ୧୮୦/୨୨୩୪ ନିମନ୍ତେ ଉତ୍ତର: ପ୍ଲଟ୍ ନଂ.: ୧୮୦, ଦକ୍ଷିଣ: ପ୍ଲଟ୍ ନଂ.: ୧୬୯, ପୂର୍ବ: ପ୍ଲଟ୍ ନଂ.: ୧୭୯ (ସରକାରୀ ଜମି), ପଶ୍ଚିମ: ପ୍ଲଟ୍ ନଂ.: ୧୮୨ (ସରକାରୀ ଜମି ରାସ୍ତାକୁ ସଂଯୋଗ), ପ୍ରକୃତ (ଭୌତିକ): ଉତ୍ତର: ପ୍ଲଟ୍ ନଂ.: ୧୮୦, ଦକ୍ଷିଣ: ପ୍ଲଟ୍ ନଂ.: ୧୫୮, ପୂର୍ବ: ସରକାରୀ ଜମି (ଜଙ୍ଗଲ), ପଶ୍ଚିମ: ଶ୍ରୀ ସନାତନ ପାତ୍ରଙ୍କ ଜମି।
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୨୭,୭୮,୬୫୦/- / ଅମାନତ ଜମା: ଟ.୨,୭୭,୮୬୫/-

**ତୁବୁରି ଶାଖା - ୨, ଜିଲ୍ଲା: ଯାଜପୁର, ଫୋନ୍ ନଂ.: ୯୭୭୭୨୬୭୩୯୦, ଇ-ମେଲ୍: ubin0814113@unionbankofindia.bank**

| ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ଋଣଗ୍ରହୀତା: ଶ୍ରୀ ଫନେନ୍ଦ୍ର ଶୁଣ୍ଡି, ପିତା: ଶ୍ରୀ ସୁରସିଂ ଶୁଣ୍ଡି, ଗ୍ରାମ: ଟାଟା କଲୋନୀ, ଗୋବରଘାଟି, ପୋ.: ଗୋବରଘାଟି, ଥାନା: କଳିଙ୍ଗ ନଗର, ଜିଲ୍ଲା: ଯାଜପୁର। ଗ୍ୟାରେଣ୍ଟିଦାତା/କୋ-ଓବ୍ଲିଗାଣ୍ଟମାନେ: ୧) ଶ୍ରୀ ତାପସ ଲେଙ୍କା, ସା: କୋପଣ୍ଡ, ଯାଜପୁର ରୋଡ୍, ଯାଜପୁର - ୭୫୫୦୨୬, ୨) ଶ୍ରୀମତୀ ପାର୍ବତୀ ଶୁଣ୍ଡି, ସ୍ୱାମୀ: ଶ୍ରୀ ଫନେନ୍ଦ୍ର ଶୁଣ୍ଡି, ସା: କଦେରିଗାଁ, ପୋ.: ଚାଦିଆ, ତୁବୁରି, ପିନ୍ - ୭୫୫୦୨୬ | ୦୧.୧୧.୨୦୨୧ ସୁଦ୍ଧା ଟ.୧୯,୮୫,୧୬୯.୬୯ ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ଦେୟ |

ସମ୍ପତ୍ତିର ବିବରଣୀ-୩: ଶ୍ରୀ ଫନେନ୍ଦ୍ର ଶୁଣ୍ଡିଙ୍କ ନାମରେ ଥିବା ବାସୋପଯୋଗୀ ବିଲ୍ଡିଂ ଯାହାର ମୌଜା: ଅଙ୍କୁରାପାଳ, ଖାତା ନଂ.: ୩୬୮/୬୫, ପ୍ଲଟ୍ ନଂ.: ୬୨୬, କ୍ଷେତ୍ର: ଏକର୦.୪୦ ଡିସିମିଲି, କିସମ: ଘରବାରୀ, ଥାନା: କଳିଙ୍ଗ ନଗର (ନଂ.: ୧୮୫), ତହସିଲ: ଦାନଗଦି, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ଗୋପାଳ ସାହୁ, ଦକ୍ଷିଣ: ନାରଣ ପ୍ରଧାନ, ପୂର୍ବ: ଦଶ ବାରିକ, ପଶ୍ଚିମ: ଚହଲି ଜେନା ଏବଂ ସାଙ୍ଗି ସାମଲ
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୨୩,୫୮,୭୫୦/- / ଅମାନତ ଜମା: ଟ.୨,୩୫,୮୭୫/-

| ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ଋଣଗ୍ରହୀତା: ମେସର୍ସ ମୁଦୁଲି ଏଗ୍ରିଗେଟ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ହେମନ୍ତ କୁମାର ମୁଦୁଲି, ସା.: ନିମାପଲ୍ଲି, ପୋ.: ପିଙ୍ଗଳ, ଥାନା: କଳିଙ୍ଗନଗର, ଭାୟା: ଦାନଗଦି, ଜିଲ୍ଲା: ଯାଜପୁର / ଗ୍ୟାରେଣ୍ଟିଦାତା: ଶ୍ରୀ ଫନେନ୍ଦ୍ର ଶୁଣ୍ଡି, ପିତା: ସୁରସିଂ ଶୁଣ୍ଡି, ସା/ପୋ.: ଗୋବରଘାଟି, ଭାୟା: ଦାନଗଦି, ଜିଲ୍ଲା: ଯାଜପୁର | ୩୧.୦୫.୨୦୧୬ ସୁଦ୍ଧା ଟ.୫,୧୨,୬୬୮/- ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ଦେୟ |

ସମ୍ପତ୍ତିର ବିବରଣୀ-୪: ଶ୍ରୀ ହେମନ୍ତ କୁମାର ମୁଦୁଲିଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୭୩, ପ୍ଲଟ୍ ନଂ.: ୮୨୩, କ୍ଷେତ୍ର: ଏକର୦.୧୦ଡିସିମିଲି, ମୌଜା: ନିମାପଲ୍ଲି, ଥାନା: ସୁକିନ୍ଦା (ନଂ.୧୮୮), ତହସିଲ: ସୁକିନ୍ଦା, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ଶରତ ଚନ୍ଦ୍ର ମୁଦୁଲିଙ୍କ ପ୍ଲଟର ଅବଶିଷ୍ଟ ଅଂଶ, ଦକ୍ଷିଣ: ବେଣୁଧର ମୁଦୁଲି, ପୂର୍ବ: ହୃଷିକେଶ ମୁଦୁଲି, ପଶ୍ଚିମ: ଅଇଁଠୁ ବଳ
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୩,୫୨,୨୫୦/- / ଅମାନତ ଜମା: ଟ.୧,୩୫,୨୨୫/-

**ଯାଜପୁର ରୋଡ ଶାଖା-୩, ମୋ: ୮୮୬୦୭୦୦୨୩୦, ଜିଲ୍ଲା: ଯାଜପୁର, ଇ-ମେଲ୍: ubin091437@unionbankofindia.bank**

| ଋଣଗ୍ରହୀତା / କୋ-ଆପ୍ଲିକାଣ୍ଟ / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ଋଣଗ୍ରହୀତା: ଶ୍ରୀ କିଶୋର ସାହୁ, ପିତା: ଶ୍ରୀ ଜଳଧର ସାହୁ / କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ଶ୍ରୀ ଉତ୍ତମ କୁମାର ସାହୁ, ପିତା: ଶ୍ରୀ କିଶୋର ସାହୁ, ଉଭୟଙ୍କ ଠିକଣା- ସା: ନରପଦା, ପୋ.: ପାଣିକୋଇଲି, ଜିଲ୍ଲା: ଯାଜପୁର, ଓଡ଼ିଶା-୭୫୫୦୪୩ | ୩୧.୧୨.୨୦୧୭ ସୁଦ୍ଧା ଟ.୮,୨୨,୩୯୦/- ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ଦେୟ |

ସମ୍ପତ୍ତିର ବିବରଣୀ-୫: ଶ୍ରୀ କିଶୋର ସାହୁଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୭୪/୫୮, ପ୍ଲଟ୍ ନଂ.: ୧୦୦୧ ଏବଂ ପ୍ଲଟ୍ ନଂ.: ୧୦୦୨/୧୯୪୬, କ୍ଷେତ୍ର: ଏକର୦.୦୪୦ଡିସିମିଲି, ମୌଜା: ନରପଦା, ଥାନା: କୋରେଇ, ତହସିଲ: ବ୍ୟାସନଗର, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଇଚ୍ଛାମଣି ସାହୁ, ପୂର୍ବ: ରାମଚନ୍ଦ୍ର ବିଶ୍ୱାଳ, ପଶ୍ଚିମ: ଏହି ପ୍ଲଟର ଅବଶିଷ୍ଟ ଜମି ଏବଂ ହେମଲତା ସାହୁ
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୮,୧୩,୧୯୫/- / ଅମାନତ ଜମା: ଟ.୮୧,୩୧୯.୫୦

**ବାଲେଶ୍ୱର ଶାଖା-୨, ଓଟି ରୋଡ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ଫୋନ୍ ନଂ.: ୮୦୦୨୨୩୫୮୫୩, ଇ-ମେଲ୍:ubin0810223@unionbankofindia.bank**

| ଋଣଗ୍ରହୀତା / କୋ-ଆପ୍ଲିକାଣ୍ଟ / ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ଋଣଗ୍ରହୀତା: ଶ୍ରୀ ମାନସ ରଞ୍ଜନ ସେଠୀ, ପିତା: ଶ୍ରୀ ନାରାୟଣ ସେଠୀ, ସା/ପୋ.: ଶ୍ରୀକୋଣା, ଥାନା: ଚାନ୍ଦିପୁର, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୨୫/ କୋ-ଆପ୍ଲିକାଣ୍ଟ/ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଗୀତାଞ୍ଜଳି ସେଠୀ, ସ୍ୱାମୀ: ଶ୍ରୀ ମାନସ ରଞ୍ଜନ ସେଠୀ, ସା/ପୋ.: ଶ୍ରୀକୋଣା, ଥାନା: ଚାନ୍ଦିପୁର, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୨୫ | ତା ୧୮.୦୩.୨୦୨୦ ସୁଦ୍ଧା ଟ.୩,୧୮,୮୫୭/- ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ଦେୟ |

ସମ୍ପତ୍ତିର ବିବରଣୀ-୬: ଶ୍ରୀମତୀ ଗୀତାଞ୍ଜଳି ସେଠୀ (ସମ୍ପତ୍ତିର ମାଲିକ), ସ୍ୱାମୀ: ଶ୍ରୀ ମାନସ ରଞ୍ଜନ ସେଠୀଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୪୭୮/୧୪୩୬, ପ୍ଲଟ୍ ନଂ.: ୧୫୭୯/୮୩୪୧, କ୍ଷେତ୍ର: ଏକର୦.୦୪ଡିସିମିଲି, ମୌଜା: ଶ୍ରୀକୋଣା, ପୋ.: ଶ୍ରୀକୋଣା, ଭାୟା: ଚାନ୍ଦିପୁର, ଥାନା: ଚାନ୍ଦିପୁର, ଜିଲ୍ଲା: ବାଲେଶ୍ୱର-୭୫୬୦୨୫, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ରଭାସ ରଞ୍ଜନ ସେଠୀ, ଦକ୍ଷିଣ: ରଘୁପତି ଦେବନାଥ, ପୂର୍ବ: ନିଜସ୍ୱ ପ୍ଲଟ, ପଶ୍ଚିମ: ରାସ୍ତା
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୪୩,୩୧,୬୦୦/- / ଅମାନତ ଜମା: ଟ.୪,୩୩,୧୬୦/-

**ସଠିପୁର ଶାଖା, ପୋ.: ଦୁଲଖପାଟଣା, ଭାୟା: ବରୁଣ୍ଡେଇ, ଜିଲ୍ଲା: ଯାଜପୁର-୭୫୫୦୨୫, ଫୋନ୍ ନଂ.: ୯୩୬୮୮୫୫୧୨୧, ଇ-ମେଲ୍: ubin0810045@unionbankofindia.bank**

| ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ଋଣଗ୍ରହୀତାମାନେ: ଶ୍ରୀ ରବିନ୍ଦ୍ର ଜେନା ଏବଂ ଶ୍ରୀମତୀ ମନୋରମା ଜେନା / ଗ୍ୟାରେଣ୍ଟିଦାତା: ଶ୍ରୀ ଦୈତାରୀ ଜେନା, ପିତା: କାଶିନାଥ ଜେନା, ସମସ୍ତଙ୍କ ଠିକଣା- ସା: ଅଳଚିରି, ପୋ: ପାଣିକୋଇଲି, ଜିଲ୍ଲା: ଯାଜପୁର | ୧୨.୦୪.୨୦୧୦ ସୁଦ୍ଧା ଟ.୧୪,୯୯,୩୧୬/- ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ଦେୟ |

ସମ୍ପତ୍ତିର ବିବରଣୀ-୭: ୧) ଶ୍ରୀ ରବିନ୍ଦ୍ର ଜେନା, ପିତା: ଦୈତାରୀ ଜେନାଙ୍କ ନାମରେ ଥିବା ଜମି ଯାହାର ଖାତା ନଂ.: ୬୮୬/୧୯୭ (ପୂର୍ବ ଖାତା ନଂ.: ୨୪୭, କ୍ଷେତ୍ର: ଏକର୦.୦୬ ଡ଼ିସିମିଲି), ପ୍ଲଟ୍ ନଂ.: ୧୧୮୪, କ୍ଷେତ୍ର: ଏକର୦.୦୨୫ ଡ଼ିସିମିଲି (କ୍ଷେତ୍ର: ଏକର୦.୦୪୦ ଡ଼ିସିମିଲିରୁ), ମୌଜା: ଅଳଚିରି, ପୋ: ପାଣିକୋଇଲି, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୫୫୦ (ରାସ୍ତା), ଦକ୍ଷିଣ: ପ୍ଲଟ୍ ନଂ.: ୧୧୮୩/୨୩୦୯ (କ୍ରେତା), ପୂର୍ବ: ପ୍ଲଟର ଅବଶିଷ୍ଟ ଅଂଶ, ପଶ୍ଚିମ: ପ୍ଲଟ୍ ନଂ.: ୧୧୮୫ (କ୍ରେତା)
୨) ଶ୍ରୀ ରବିନ୍ଦ୍ର ଜେନା, ପିତା: ଦୈତାରୀ ଜେନାଙ୍କ ନାମରେ ଥିବା ଜମି ଯାହାର ଖାତା ନଂ.: ୬୮୬/୧୯୭ (ପୂର୍ବ ଖାତା ନଂ.: ୨୪୭, କ୍ଷେତ୍ର: ଏକର୦.୦୬ ଡ଼ିସିମିଲି), ପ୍ଲଟ୍ ନଂ.: ୧୧୮୩/୨୫୪୫, କ୍ଷେତ୍ର: ଏକର୦.୦୧୫ ଡ଼ିସିମିଲି (କ୍ଷେତ୍ର: ଏକର୦.୦୪୦ ଡ଼ିସିମିଲିରୁ), ମୌଜା: ଅଳଚିରି, ପୋ: ପାଣିକୋଇଲି, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୧୮୪ (କ୍ରେତା), ଦକ୍ଷିଣ: ଶ୍ରୀ ନାୟକ, ପୂର୍ବ: ମନୋଜ କୁମାର ଜେନା ଏବଂ ଚାନ୍ଦେଇ ଜେନା, ପଶ୍ଚିମ: କ୍ରେତା ଏବଂ ଏନ୍‌ଏଚ୍
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୨୨,୧୮,୫୦୦/- / ଅମାନତ ଜମା: ଟ.୨,୨୧,୮୫୦/-

**କେନ୍ଦୁଝର ଶାଖା-୩, ଜିଲ୍ଲା: କେନ୍ଦୁଝର, ଫୋନ୍ ନଂ.: ୭୯୭୮୨୨୭୦୬୯, ଇ-ମେଲ୍: ubin0929701@unionbankofindia.bank**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ଋଣଗ୍ରହୀତା: ମେସର୍ସ ଷ୍ଟାର୍ ଏଣ୍ଟରପ୍ରାଇଜେସ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ବିଶ୍ୱଜିତ୍ ବେଜ୍, ସା/ପୋ.: ଜେଲ୍ ରୋଡ, ନୂଆସାହି, କେନ୍ଦୁଝର, ପିନ୍-୭୫୮୦୦୧ / କୋ-ଆପ୍ଲିକାଣ୍ଟ/ଗ୍ୟାରେଣ୍ଟିଦାତା: ଚନ୍ଦ୍ରକଳା ବେଜ୍, ସା/ପୋ.: ଜେଲ୍ ରୋଡ, ନୂଆସାହି, କେନ୍ଦୁଝର, ପିନ୍-୭୫୮୦୦୧ | ୨୬.୦୨.୨୦୨୪ ସୁଦ୍ଧା ଟ.୩୦,୭୮,୧୦୫.୩୪ ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ଦେୟ |

ସମ୍ପତ୍ତିର ବିବରଣୀ-୮: ଚନ୍ଦ୍ରକଳା ବେଜ୍‌ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୩/୮୧, ପ୍ଲଟ୍ ନଂ.: ୨୨୨/୪୦୭, କ୍ଷେତ୍ର: ଏକର ୦.୦୫୦ ଡିସିମିଲି, ମୌଜା: ମୋଚିଗାଁ, ତାଲୁକା: କେନ୍ଦୁଝର ସଦର, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାଧା ସାହୁ, ଦକ୍ଷିଣ: ରାସ୍ତା, ପୂର୍ବ: ଶ୍ରୀକାନ୍ତ ସାହୁ ଏବଂ ଅନ୍ୟମାନେ, ପଶ୍ଚିମ: ଶ୍ରୀକାନ୍ତ ସାହୁ ଏବଂ ଅନ୍ୟମାନେ
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୪୦,୨୨,୨୦୦/- / ଅମାନତ ଜମା: ଟ.୪,୦୨,୨୨୦/-

**ଭଦ୍ରକ-୧ ଶାଖା, ଜିଲ୍ଲା: ଭଦ୍ରକ, ଫୋନ୍ ନଂ.: ୭୩୮୧୭୮୨୯୬୯, ଇ-ମେଲ୍: ubin0538591@unionbankofindia.bank**

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ଉଦୟ ନାଥ ପ୍ରଧାନ, ପିତା: ବଂଶୀଧର ପ୍ରଧାନ, ୨) ଶ୍ରୀମତୀ ରାଜଶ୍ରୀ ମହାପାତ୍ର, ସ୍ୱାମୀ: ଉଦୟ ନାଥ ପ୍ରଧାନ / କୋ-ଆପ୍ଲିକାଣ୍ଟ/ଗ୍ୟାରେଣ୍ଟିଦାତା: ଶ୍ରୀ ଦୟାନିଧି ପ୍ରଧାନ, ପିତା: ବଂଶୀଧର ପ୍ରଧାନ, ସମସ୍ତଙ୍କ ଠିକଣା ସା: ପାଟୁଳିଦା, ପୋ.: ଆଟପୁର, ଥାନା: ସୋରୋ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୪୫ | ଟ.୮,୭୬,୯୩୦.୭୮ ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ଦେୟ |

ସମ୍ପତ୍ତିର ବିବରଣୀ-୯: ଶ୍ରୀ ଦୟାନିଧି ପ୍ରଧାନ ଏବଂ ଶ୍ରୀ ଉଦୟନାଥ ପ୍ରଧାନଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୬୬/୪୪୬, ଖାତା ନଂ.: ୧୩୭/୧୧, ମୌଜା: ପାଟୁଳିଦା, ତହସିଲ/ ଥାନା: ସୋରୋ, ଜିଲ୍ଲା: ବାଲେଶ୍ୱର, କିସମ: ଘରବାରୀ, କ୍ଷେତ୍ର: ଏକର୦.୦୬୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ଜୟନ୍ତ କୁମାର ରାଉତ ଏବଂ କେଶବ ପ୍ରଧାନ, ଦକ୍ଷିଣ: ରାସ୍ତା, ପୂର୍ବ: ଇଜିମାଇଲ ରାସ୍ତା, ପଶ୍ଚିମ: ମାୟାଧର ପ୍ରଧାନ
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୨,୦୪,୧୧୦/- / ଅମାନତ ଜମା: ଟ.୧,୨୦,୪୧୧/-

**କାଳିଆପାଣି ଶାଖା, ଜିଲ୍ଲା: ଯାଜପୁର, ଫୋନ୍ ନଂ.: ୮୫୬୯୯୪୭୬୭୬, ଇ-ମେଲ୍: ubin0808288@unionbankofindia.bank**

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ଋଣଗ୍ରହୀତା: ଶ୍ରୀ ମିର୍ଜା ତୋରଫ ବେଗ୍, ପିତା: ୰ ୟାସିନ୍ ବେଗ୍, ସା/ପୋ.: ସୁକିନ୍ଦା, ଜିଲ୍ଲା: ଯାଜପୁର, ପିନ୍ - ୭୫୫୦୧୮ / କୋ-ଆପ୍ଲିକାଣ୍ଟ/ଗ୍ୟାରେଣ୍ଟିଦାତାମାନେ: ୧) ସୁଲେହା ତବସୁମ୍, ୨) ଶ୍ରୀ ରବିନ୍ଦ୍ର ଦାସ, ପିତା: ରାମ ଦାସ, ଉଭୟଙ୍କ ଠିକଣା - ସା/ପୋ.: ସୁକିନ୍ଦା, ଜିଲ୍ଲା: ଯାଜପୁର, ପିନ୍ - ୭୫୫୦୧୮ | ୦୧.୦୭.୨୦୨୧ ସୁଦ୍ଧା ଟ.୧୦,୧୧,୫୪୪.୦୪ ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ଦେୟ |

ସମ୍ପତ୍ତିର ବିବରଣୀ-୧୦: ମିର୍ଜା ତୋରଫ ବେଗ୍‌ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ନିଜଗଡ଼, ଖାତା ନଂ.: ୮୨୪/୪୨୬ (ମୂଳ ଖାତା ନଂ.: ୭୯୪), ପ୍ଲଟ୍ ନଂ.:୧୦୧୩/୩୬୯୭ (ମୂଳ ପ୍ଲଟ୍ ନଂ.: ୧୦୧୩/୨୯୯୯), କ୍ଷେତ୍ର: ଏକର୦.୦୪୫ ଡିସିମିଲି, ଘରବାରୀ ଜମି, ସା/ପୋ/ତହସିଲ/ଥାନା: ସୁକିନ୍ଦା ୧୪୫, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ଲିଆକତ୍ ଅଲ୍ଲି ଖାନ୍, ଦକ୍ଷିଣ: ସୋରାଫ୍ ବେଗ୍, ପୂର୍ବ: ଅଇଁସର ଅଲ୍ଲି ଖାନ୍, ପଶ୍ଚିମ: ରାସ୍ତା
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୫,୨୩,୨୦୦/- / ଅମାନତ ଜମା: ଟ.୧,୫୨,୩୨୦/-

**ଭଦ୍ରକ - ୨ ଶାଖା, ଜିଲ୍ଲା: ଭଦ୍ରକ, ଫୋନ୍ ନଂ.: ୯୬୯୩୯୮୦୯୮୬, ଇ-ମେଲ୍: ubin0818127@unionbankofindia.bank**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ଋଣଗ୍ରହୀତା: ସାବିତ୍ରୀ ଦାସ, ସ୍ୱାମୀ: ଭାଗିରଥି ଦାସ, ପ୍ଲଟ୍ ନଂ.: ୧୭୮୭, ଥାନା: ତିହିଡି, ପାଳିଆବିନ୍ଧା, ଭଦ୍ରକ-୭୫୬୧୬୭ / ଗ୍ୟାରେଣ୍ଟିଦାତା: ଅନିରୁଦ୍ଧ ପୃଷ୍ଟି, ପିତା: ଦିନବନ୍ଧୁ ପୃଷ୍ଟି, ସା: ଗୋରାମାଟି, ଥାନା: ତିହିଡି, ଭଦ୍ରକ-୭୫୬୧୨୩ | ୨୬.୦୯.୨୦୨୨ ସୁଦ୍ଧା ଟ.୫,୩୮,୧୫୪.୫୮ ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ଦେୟ |

ସମ୍ପତ୍ତିର ବିବରଣୀ-୧୧: ସାବିତ୍ରୀ ଦାସଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୭୮୭, କ୍ଷେତ୍ର: ଏକର୦.୦୨୦ ଡିସିମିଲି ଏବଂ ପ୍ଲଟ୍ ନଂ.: ୧୭୮୮, କ୍ଷେତ୍ର: ଏକର୦.୦୩୦ ଡିସିମିଲି, ଖାତା ନଂ.: ୧୩୬୨/୧୩୭, ସମୁଦାୟ କ୍ଷେତ୍ର: ଏକର୦.୦୫୦ଡିସିମିଲି, ମୌଜା: ପାଳିଆବିନ୍ଧା, ଥାନା: ତିହିଡି, ଭଦ୍ରକ-୭୫୬୧୬୭, ଏହାର ଚାରିପାର୍ଶ୍ୱରେ ଉତ୍ତର: ଅନାବାଦି, ଦକ୍ଷିଣ: ପ୍ରହଲ୍ଲାଦ ପାତ୍ର, ପୂର୍ବ: ପ୍ରହଲ୍ଲାଦ ପାତ୍ର, ପଶ୍ଚିମ: ସୋସାଇଟ୍ ଘର
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୮,୨୦,୨୫୦/- / ଅମାନତ ଜମା: ଟ.୮୨,୦୨୫/-

**ଯାଜପୁର ରୋଡ୍ ଶାଖା-୩, ଯାଜପୁର, ଫୋନ୍ ନଂ.: ୮୮୬୦୭୦୦୨୩୦, ଇ-ମେଲ୍: ubin0914347@unionbankofindia.bank**

| ଋଣଗ୍ରହୀତା / କୋ-ଆପ୍ଲିକାଣ୍ଟ / ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ଋଣଗ୍ରହୀତା: ମେସର୍ସ ମା ଏଣ୍ଟରପ୍ରାଇଜେସ୍, ସ୍ୱତ୍ତ୍ୱାଧିକାରୀ: ପବିତ୍ର ରାଉତ/କୋ-ଆପ୍ଲିକାଣ୍ଟ/ଗ୍ୟାରେଣ୍ଟିଦାତା: ପବିତ୍ର ରାଉତ, ପିତା: କପିଳ ରାଉତ, ଉଭୟଙ୍କ ଠିକଣା- ସା: କୋରାବନ୍ଦି, ପୋ: ରଗଡି, ଥାନା: କୋରେଇ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୯ | ୨୩.୦୨.୨୦୨୪ ସୁଦ୍ଧା ଟ.୧୭,୦୩,୧୬୩.୪୩ ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ଦେୟ |

ସମ୍ପତ୍ତିର ବିବରଣୀ-୧୨: ପବିତ୍ର କୁମାର ରାଉତଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ପ୍ଲଟ୍ ନଂ.: ୧୭୧୭/୨୫୬୨, ଖାତା ନଂ.: ୩୮୮/୭୩, କ୍ଷେତ୍ର: ଏକର୦.୧୨ ଡ଼ିସିମିଲି, କିସମ: ଘରବାରୀ, ଗ୍ରାମ: କୋରାବନ୍ଦି, ପୋ: ରଗଡି, ଥାନା: କୋରେଇ, ଜିଲ୍ଲା: ଯାଜପୁର
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୨୦,୧୮,୭୫୦/- / ଅମାନତ ଜମା: ଟ.୨,୦୧,୮୭୫/-

**ମଙ୍ଗଳପୁର ଶାଖା, ଖୁଲଣା ଭବନ ରୋଡ, କନିକାପଡା, ଜିଲ୍ଲା: ଯାଜପୁର, ଓଡ଼ିଶା-୭୫୫୦୦୧ ଫୋନ୍ ନଂ.: ୮୭୮୯୫୦୪୧୨୧, ଇ-ମେଲ୍: ubin0573001@unionbankofindia.bank**

| ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ଋଣଗ୍ରହୀତା: ଶ୍ରୀମତୀ କବିତା ରାଣୀ ପଣ୍ଡା, ସ୍ୱାମୀ: ରମେଶ ପ୍ରସାଦ ପଣ୍ଡା / ଗ୍ୟାରେଣ୍ଟିଦାତା: ଶ୍ରୀ ରଘୁନାଥ ପଣ୍ଡା, ପିତା: ବିରଭଦ୍ର ପଣ୍ଡା, ଉଭୟଙ୍କ ଠିକଣା ସା/ପୋ: ଦଶରଥପୁର, ଥାନା: ମଙ୍ଗଳପୁର, ଜିଲ୍ଲା: ଯାଜପୁର | ୩୧.୦୧.୨୦୧୮ ସୁଦ୍ଧା ଟ.୩,୬୩,୧୨୫.୫୨ ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ଦେୟ |

ସମ୍ପତ୍ତିର ବିବରଣୀ-୧୩: ୧) ଶ୍ରୀମତୀ କବିତା ରାଣୀ ପଣ୍ଡା ଏବଂ ଶ୍ରୀ ରଘୁନାଥ ପଣ୍ଡାଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୭୭୮, ଖାତା ନଂ.: ୧୦୬୭, ଅନୁରୂପ ସାବିକ ପ୍ଲଟ୍ ନଂ.: ୧୭୪୨, ଖାତା ନଂ.: ୩୧୪, ସମୁଦାୟ କ୍ଷେତ୍ର: ଏକର ୦.୨୫ ଡିସିମିଲି, ଏସ୍‌ଆରଓ: ମଙ୍ଗଳପୁର, ମୌଜା: ଦଶରଥପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ଶଙ୍କର୍ଷଣ ନାୟକ, ଦକ୍ଷିଣ: ରୁକ୍ମଣୀ ପାଣିଗ୍ରାହୀ, ପୂର୍ବ: ଅର୍ଜୁନୀ ପଣ୍ଡା, ପଶ୍ଚିମ: ଗ୍ରାମ୍ୟ ରାସ୍ତା
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୨,୦୩,୬୦୦/- / ଅମାନତ ଜମା: ଟ.୧,୨୦,୩୬୦/-

ପ୍ରତ୍ୟେକ ସମ୍ପତ୍ତି ପାଇଁ ବିଡ୍ ବୃଦ୍ଧି ରାଶି : ସଂପୃକ୍ତ ସଂରକ୍ଷିତ ମୂଲ୍ୟର ୧%
ଇ-ନିଲାମ ତାରିଖ ଏବଂ ସମୟ: ୧୪.୦୩.୨୦୨୪ ମଧ୍ୟାହ୍ନ ୧୨:୦୦ ଘଟିକାରୁ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ (ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବସାଇଟ୍ : www.mstcecommerce.com
ଅମାନତ ରାଶି ଦାଖଲର ଅନ୍ତିମ ତାରିଖ : ଇ-ନିଲାମ ଆରମ୍ଭ ପୂର୍ବରୁ
ପଞ୍ଜିକରଣ, ଲଗଇନ୍ ଏବଂ ନିଲାମର ନିୟମାବଳୀ ନିମନ୍ତେ ୱେବସାଇଟ୍ : https://www.mstcecommerce.com/auctionhome/ibapi/index.jsp ଦେଖନ୍ତୁ ।
ବିକ୍ରୟର ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଲିଙ୍କ୍ https://www.unionbankofindia.co.in/english/tendelviewallauction.aspx କୁ ଦେଖନ୍ତୁ।
ବି.ଦ୍ର.: ଆଗ୍ରହୀ ନିଲାମଧାରୀମାନଙ୍କୁ ଅନୁରୋଧ କି, ସେମାନେ ଇ-ନିଲାମ ତାରିଖର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ତା.୧୩.୦୩.୨୦୨୪ରିଖ ସୁଦ୍ଧା ଅମାନତ ରାଶି ଜମା କରିବେ ଏବଂ ସଫଳ ନିଲାମଧାରୀଙ୍କୁ ନିଲାମ ସୁନିଶ୍ଚିତ ହେବା ସୂଚନା ପ୍ରାପ୍ତିର ୨୪ ଘଣ୍ଟା ମଧ୍ୟରେ ଅମାନତ ରାଶିକୁ ମିଶାଇ ନିଲାମ ରାଶିର ୨୫% ଜମା କରିବାକୁ ପଡିବ।
ସ୍ଥାନ: ବାଲେଶ୍ୱର, ତାରିଖ: ୨୬.୦୨.୨୦୨୪ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା



ଧାରଣା ଦେଇଥିବା ଗ୍ରାମବାସୀ।

## ମୌଳିକ ସେବା ପାଇବାରୁ ବଞ୍ଚିତ ୫ ଗ୍ରାମବାସୀ

ଭଞ୍ଜନଗର,୨୬।୨(ବାବୁଲା ପ୍ରଧାନ)

ଅଖିଳ ଭାରତ କ୍ରାନ୍ତିକାରୀ କୃଷକ ସଭା ଓ ଆଦିବାସୀ ଭାରତ ମହାସଭା ପକ୍ଷରୁ ମିଳିତ ଭାବେ ବିଭିନ୍ନ ଦାବି ନେଇ ସୋମବାର ଏକ ଶୋଭାଯାତ୍ରା ଭଞ୍ଜନଗର ସହର ପରିକ୍ରମା କରିବା ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଜଗନ୍ନାଥପ୍ରସାଦ ବ୍ଲକ ତାଲଖମଣ, ମଣ୍ଡାପଥର, ଡାଙ୍ଗିଭୂଇଁ, ଡେଲିଙ୍ଗିପଦର ଆଦିବାସୀ ଗ୍ରାମବାସୀ ମୌଳିକ ସେବା ପାଇବାରୁ ବଞ୍ଚିତ ହୋଇ ଅତି ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି। ରାସ୍ତା ନ ଥିବାରୁ ରୋଗୀ ଓ ଗର୍ଭବତୀ ଖଟିଆରେ ବୁହାହେଉଥିବା ବେଳେ ଛାତ୍ରୀଛାତ୍ରମାନେ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ଅଛନ୍ତି। ଅସରାଏ ବର୍ଷାରେ ଶିକ୍ଷକମାନେ କିମ୍ବା ମଣ୍ଡା ପଥର ଓ ଡାଙ୍ଗିଭୁଇଁର ଛାତ୍ରଛାତ୍ରୀ ତାଲଖମଣ ପ୍ରାଥମିକ ବିଦ୍ୟାଳୟକୁ ଆସିପାରନ୍ତି ନାହିଁ ବୋଲି ଧାରଣାରତ ଆସିବାସୀମାନେ ଅଭିଯୋଗ କରିଛନ୍ତି। ଗାଁଗୁଡିକୁ ରାସ୍ତା, ବିଜୁଳି ଆଲୁଅ ଓ ପାନୀୟ ଜଳ ଯୋଗାଣ ସୁବିଧା ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି କହିଛନ୍ତି। ସିପିଆଇ(ଏମ୍‌ଏଲ୍) ରେଡଷ୍ଟାର ରାଜ୍ୟ ସମ୍ପାଦିକା ପ୍ରମିଳା, ବସ୍ତି ସୁରକ୍ଷା ମଞ୍ଚ ଭୁବନେଶ୍ୱରର ସଭାନେତ୍ରୀ ହେନା ବାରିକ ଧାରଣାରେ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଉପଜିଲାପାଳ ଅନିଲ କୁମାର ସେଠୀ ଆନ୍ଦୋଳନରତ ଆଦିବାସୀଙ୍କ ସହ ଆଲୋଚନା କରି କିଛି ଦିନ ସମୟ ମାଗିଥିଲେ। କାମ ଆରମ୍ଭ ହେଲେ ଉଠିବୁ, ନ ହେଲେ ଧାରଣାରେ ବସିରହିବୁ ବୋଲି ଆନ୍ଦୋଳନକାରୀମାନେ ଶୁଣାଇ ଦେଇଛନ୍ତି। ଗଣଧାରଣାରେ ଅଖିଳ ଭାରତ କ୍ରାନ୍ତିକାରୀ କୃଷକ ସଭାର ରାଜ୍ୟ ସମ୍ପାଦକ ଶଙ୍କର ଇନକିଲାବ, ଆଦିବାସୀ ଭାରତ ମହାସଭା ରାଜ୍ୟ ସମ୍ପାଦକ ଟୁନା ମଲ୍ଲିକ, ଅଖିଳ ଭାରତ କ୍ରାନ୍ତିକାରୀ ମହିଳା ସଂଗଠନର ଜିଲା ସମ୍ପାଦକ ପି ପାର୍ବତୀ, ଓଡ଼ିଶା ନିର୍ମାଣ ଶ୍ରମିକ ୟୁନିୟନର ଜିଲା ସମ୍ପାଦକ ରାମଚନ୍ଦ୍ର ବାଡତ୍ୟା, ଭାଗ୍ୟଲତା ଜାନି, ସନାତନ ଜାନି, ସନ୍ଧ୍ୟା ପ୍ରଧାନ, ସନାତନ ଜାନି, ପୀତବାସ ଜାନି, ବିକ୍ରମ ମଲ୍ଲିକ, ଅର୍ଜୁନ ମଲ୍ଲିକ, ରଶ୍ମିତା ମଲ୍ଲିକ, ଯଶୋବନ୍ତ ଜାନି, ପ୍ରଭାତ ଜାନି, ମାନି ଜାନି, ଶୁଶାନ୍ତ ମଲ୍ଲିକ, ପ୍ରମୋଦ ମଲ୍ଲିକ, ଅରକ୍ଷିତ ଜାନି, ମଞ୍ଜରୀ ଜାନି ପ୍ରମୁଖ ସାମିଲ ହୋଇଛନ୍ତି।

# ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

କବିସୂର୍ଯ୍ୟନଗର,୨୬।୨(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ବ୍ଲକ ବଣମହୁରୀ ପଞ୍ଚାୟତଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି କବିସୂର୍ଯ୍ୟନଗର ବିଡିଓ ସାଗରୀକା ଷଡଙ୍ଗୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜଗତର ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଦୀପ ପ୍ରଜ୍ୱଳନ କରିଥିଲେ ମୁଖ୍ୟ ଅତିଥି, ନିମନ୍ତ୍ରିତ ଅତିଥି । ଶିକ୍ଷକ ଦିବାକର ଶତପଥୀ ଏହାକୁ ପରିଚାଳନା କରିଥିଲେ । ଅତିଥିଙ୍କୁ ବିପୁଳ ସମ୍ବର୍ଦ୍ଧନା ଦେବା ସହ ସମସ୍ତ ଜନପ୍ରତିନିଧି ମଞ୍ଚ ନିକଟକୁ ପାଛୋଟି ଆଣିଥିଲେ ବଣମହୁରୀ ସରପଞ୍ଚ ପ୍ରତିନିଧି ଓ ଗ୍ରାମବାସୀ। ବ୍ଲକ ପକ୍ଷରୁ ବିଡିଓ ସାଗରୀକା ଷଡ଼ଙ୍ଗୀ, ଏବିଡିଓ ନାରାୟଣ ବେହେରା, ଅଙ୍ଗନବାଡି ସୁପରଭାଇଜର ତ୍ରିପୁରା ମୋହିନୀ ମିଶ୍ର, ବିପିଏମ୍ ରାଜକିଶୋର ସାହୁ ଓ ଯୁବନେତା ତଥା ଆମ୍ବପୁଆ ସମିତିସଭ୍ୟ ଅଶ୍ୱିନୀ ସ୍ୱାଇଁ ପ୍ରମୁଖ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ପଞ୍ଚାୟତବାସୀଙ୍କୁ ସଚେତନ କରିଥିଲେ। ବାଲ୍ୟାସରା ସମିତି ସଭ୍ୟା ପ୍ରତିନିଧି ଗୌତମ ଖଣ୍ଡୁଆଳ, ସୁନାରିଖୋଲ ସମିତି ସଭ୍ୟ ସୂର୍ଯ୍ୟନାରାୟଣ ଭୂୟାଁ, ଆମ୍ବପୁଆ ସରପଞ୍ଚ ଅମୀୟ କୁମାର ମାହାନ୍ତ, ସାମାଜିକ କର୍ମୀ ରବୀନ୍ଦ୍ର ନାଥ ପଟ୍ଟନାୟକ, ସାମାଜିକ କର୍ମୀ ଟି. କ୍ରିଷ୍ଣା ରେଡି,ପ୍ରାକ୍ତନ ଜିଲା ପରିଷଦ ପ୍ରତିନିଧି ସୁଧାକର ପ୍ରଧାନ, ଅଙ୍ଗନବାଡି ସୁପରଭାଇଜର ତ୍ରିପୁରା ମୋହିନୀ ଦାସ, ବିପିଏମ ରାଜକିଶୋର ସାହୁ, ଏବିଡ଼ିଓ ନାରାୟଣ ବେହେରା, ଯୁବନେତା ଅଶ୍ୱିନୀ ସ୍ୱାଇଁ, ବିଡିଓ ସାଗରୀକା ଷଡଙ୍ଗୀ, ନାଏବ ସରପଞ୍ଚ ରୁନୁ ସାହୁ, ଖଜାପଲ୍ଲୀ ସମିତିସଭ୍ୟା ରୀନା ସ୍ୱାଇଁ, ଗଙ୍ଗାପୁର ସମିତିସଭ୍ୟା ପ୍ରତିନିଧି ହରିହର ନାହାକ, ଗାୟକ କେଦାର ଚନ୍ଦ୍ର ଦାସ, ବ୍ଲକ ଛାତ୍ର ବିଜେଡି ସଭାପତି ନୀଳାଞ୍ଚଳ ମଣ୍ଡଳ ମଞ୍ଚାସୀନ ଥିଲେ। ସମସ୍ତ ବ୍ୟାଙ୍କ ମିତ୍ର, ଅଙ୍ଗନବାଡ଼ି, ଏମ୍‌ବିକେ, ଜିଆର୍‌ଏସ୍, ଆଶା, ସିଆର୍‌ପି, ୱାର୍ଡ କାଉନସିଲର, ପିଇଓ, ଅବସର ଶିକ୍ଷକ, କର୍ତ୍ତବ୍ୟରତ ଶିକ୍ଷକ, ବିଏଫଟି, ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଛାତ୍ରଙ୍କୁ ହୁମା ଫାଣ୍ଡି ଅଧିକାରୀଙ୍କ ମାଡ଼ ଅଭିଯୋଗ

ଗଞ୍ଜାମ,୨୬।୨(ବିଦ୍ୟାଧର ସାହୁ)



ଉତ୍ତ୍ୟକ୍ତ ଲୋକେ ଫାଣ୍ଡି ଆଗରେ ହୋହଲ୍ଲା କରୁଛନ୍ତି।

ରମ୍ଭା ଥାନା ଅଧିନ ହୁମା ଅଞ୍ଚଳର ଜଣେ ଛାତ୍ରଙ୍କୁ ବିନା କାରଣରେ ହୁମା ଫାଣ୍ଡି ଅଧିକାରୀ ମାଡ଼ ମାରିଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ସୋମବାର ଫାଣ୍ଡି ଘେରାଉ କରିଥିଲେ। ହୁମା ଅଞ୍ଚଳର ତ୍ରିନାଥ ସାହୁଙ୍କ ପୁଅ ଦୀପକ କାଇଁଚପୁରରୁ ଯଜ୍ଞ ଦେଖି ବାଇକରେ ଫେରୁଥିବା ବେଳେ ଫାଣ୍ଡି ପୋଲିସ ଅଟକାଇ ମାଡ଼ ମାରିବା ସହ ଅଟକ ରଖିଥିଲା। ସେହି ଅଞ୍ଚଳର ବଂଶୀଧର ମହାନ୍ତିଙ୍କ ବାଇକରେ ଏକ କାତି ଥିବା ଦେଖି ତାଙ୍କୁ ମଧ ଆଣିଥିଲା। ଉଭୟ ଘଟଣାକୁ ନେଇ ହୁମା ସମିତି ମେମ୍ବର ଧ୍ରୁବ ଚରଣ ପଲାଇଙ୍କ ନେତୃତ୍ୱରେ ୩୦ରୁ ଉର୍ଦ୍ଧ୍ୱ ଲୋକ ହୋହଲ୍ଲା କରିଥିଲେ। ରମ୍ଭା ଥାନା ଆଇଆଇସି ପ୍ରିୟବ୍ରତ ଭୁଟିଆ, ଛତ୍ରପୁର ଆଇଆଇସି ନିରୋଦ କୁମାର ସାହୁ, ଗଞ୍ଜାମ ଥାନା ଏସ୍‌ଆଇ କ୍ଷେତ୍ର ମୋହନ ସାହୁ ପ୍ରମୁଖ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ପରେ ଭାଜପା ଜିଲା ସଭାପତି ସୁବାଷ ଚନ୍ଦ୍ର ସାହୁ, ପ୍ରଶାନ୍ତ କର, କୃଷ୍ଣ ନାୟକ ପ୍ରମୁଖ ହୁମା ଫାଣ୍ଡିରେ ପହଞ୍ଚିଥିଲେ। ଛତ୍ରପୁର ଏସ୍‌ଡିପିଓ ଗୌରହରୀ ସାହୁ ପହଞ୍ଚି ୭ ଦିନ ମଧ୍ୟରେ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିବା ପରେ ଉତ୍ତ୍ୟକ୍ତ ଲୋକେ ବୁଝିଥିଲେ। ଅନ୍ୟପଟେ କାତି ଧରି ବୁଲୁଥିବା ଅଭିଯୋଗକୁ ବଂଶୀଧର ଖଣ୍ଡନ କରିଛନ୍ତି। ବିଲରେ ବାରହା ହଇରାଣ କରୁଥିବାରୁ ବାଧ୍ୟ ହୋଇ ଆମେ କାତି ଧରି ବିଲକୁ ଯାଉଛୁ ବୋଲି କହିଛନ୍ତି। ହୁମା ଫାଣ୍ଡି ଅଧିକାରୀ ଦେବଦତ୍ତ ପ୍ରିୟଦର୍ଶୀଙ୍କୁ ପଚାରିବାରେ ବଂଶୀଧର ମହାନ୍ତିଙ୍କ ପୁଅ କାତି ଧରି ବୁଲୁଥିବା ବେଳେ ଆମେ ତାକୁ ଗୋଡ଼ାଇଥିଲୁ ସେ ଫେରାର ହୋଇଯାଇଥିବା କହିଛନ୍ତି।

## କୋହଲା ନୃତ୍ୟ ମାଧ୍ୟମରେ ସରକାରୀ ଯୋଜନା ସଚେତନତା

ଛତ୍ରପୁର,୨୬।୨(ଦିଲୀପ ସାମଲ) ;

ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡିକ ଲୋକକଳା ମାଧ୍ୟମରେ ଜନସାଧାରଣଙ୍କୁ ଅବଗତ କରାଯାଉଛି। ଛତ୍ରପୁର ବ୍ଲକର ୧୮ଟି ପଞ୍ଚାୟତରେ ଚଢେୟା ନାଚ, ସଂକୀର୍ତ୍ତନ, ଗଉଡ ଗଉଡୁଣୀ, ସାପୁଆ କେଳା, ଡୁବୁଡୁବା ଓ କୋହଲା ନୃତ୍ୟ ମାଧ୍ୟମରେ ସଚେତନତା ଚାଲିଛି। ଛତ୍ରପୁର ବ୍ଲକ କଳା ସଂସ୍କୃତି ସଂଘ ପକ୍ଷରୁ ଘଡଘଡାପଲ୍ଲୀ ସ୍ଥିତ ଲକ୍ଷ୍ମୀ ନୃସିଂହ କାମିନୀ ଦାସୁଡୁ ସତ୍ୟମ ସେବା ନୃତ୍ୟ କଳା କେନ୍ଦ୍ର ପକ୍ଷରୁ ସଭାପତି ତଥା କଳାରତ୍ନ ଏବଂ ଜୟଦେବ ପୁରସ୍କାରପ୍ରାପ୍ତ ବଡ ଦାସୁଡୁ ଆର୍. ସତ୍ୟମ ରେଡ୍ଡୀଙ୍କ ନେତୃତ୍ୱରେ କଳାକାରମାନେ ଟାଙ୍ଗଣାପଲ୍ଲୀ ଓ ଚିକଲଖଣ୍ଡି ପଞ୍ଚାୟତରେ କୋହଲା ନୃତ୍ୟ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନା ଲୋକଙ୍କୁ ବୁଝାଇଥିଲେ।

## ବସ୍‌ଷ୍ଟାଣ୍ଡରୁ ଯୁବକଙ୍କ ମୃତଦେହ ଜବତ

ପୋଲସରା,୨୬।୨(ସୁବ୍ରତ ବେହେରା)

ପୋଲସରା ସହର ବସଷ୍ଟାଣ୍ଡ ବିଶ୍ରାମଗାର ପରିସରରୁ ସୋମବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ଝାରଖଣ୍ଡ ଛପରଦାଗା ଅଞ୍ଚଳର ଅଜୟ ଚୌଧୁରୀ (୩୭)। ସେ ବହୁ ଦୀର୍ଘ ଦିନ ଧରି ପୋଲସରା ନଡ଼ିଆ ପାହାଡ଼ ନିକଟ କୁକୁଡ଼ା ଫାର୍ମରେ ରହି କାମ କରି ଆସୁଥିଲା। ୬ ଦିନ ହେଲା ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ମେଡିସିନ କିଣିବାକୁ ଆସି ପୋଲସରା ବିଶ୍ରାମଗାରରେ ପ୍ରାଣ ହରାଇଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି।

## ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର

ଖଲ୍ଲିକୋଟ,୨୬।୨(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ ପରିସରରେ ସୋମବାର ବ୍ଲକ ସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ଦେବାଶିଷ ସାମଲଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛତ୍ରପୁର ଏଡିଏମ ଦେବବ୍ରତ ସାହୁ, ବ୍ଲକ ଅଧ୍ୟକ୍ଷ ଦୈତାରି ବେହେରା, ଉପାଧ୍ୟକ୍ଷା ଭାରତୀ ମହାରଣା, ଜିଲା ସୋସିଆଲ ଅଡିଟର ରବୀନ୍ଦ୍ର ନାଥ ମଲାଣ, ଏପିଓ ମଧୁସୂଦନ ପ୍ରଧାନ, ଜିଲା ପରିଷଦ ସଭ୍ୟା ସୋନମ ପଲେଇ ପ୍ରମୁଖ ମଞ୍ଚାସିନ ଥିଲେ। ଖଲ୍ଲିକୋଟ ବ୍ଲକର ୨୯ ପଞ୍ଚାୟତରେ ୨୦୨୩-୨୪ ଆର୍ଥିକ ବର୍ଷରେ ୭ ଲକ୍ଷ ୪୭ ହଜାର ୩୮୦ ଶ୍ରମ ଦିବସ ହୋଇଛି। ୩୬୫୩ ପ୍ରକଳ୍ପ ହାତକୁ ନିଆଯାଇଥିବା ବେଳେ ୨୦ କୋଟି ୨୫ ଲକ୍ଷ ଟଙ୍କାର କାର୍ଯ୍ୟ ରହିଛି। ୯୯୧ ଜଣ ହିତାଧିକାରୀ ୧୦୦ ଦିନର ପୂର୍ଣ୍ଣ କରିଛନ୍ତି। କେତେକ ସମାସ୍ୟାକୁ ନେଇ କିଛି ସରପଞ୍ଚ, ସମିତି ସଭ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ବ୍ଲକ ସୋସିଆଲ ଅଡିଟର ରଶ୍ମିତା ସାହୁଙ୍କ କିଛି ଅଭିଯୋଗକୁ ପଥରା, ବାକୁଟଗାଁ, ମାଣିକପୁର ପଞ୍ଚାୟତ ସରପଞ୍ଚ ପ୍ରତିବାଦ କରିଥିଲେ। ଏପିଓ ମଧୁସୂଦନ ପ୍ରଧାନ ଶିବିର ପରିଚାଳନା କରିଥିଲେ।



## ସଂକ୍ଷେପରେ

### ମିନିଟ୍ରକ ଆସୋସିଏଶନ ସମ୍ପାଦକଙ୍କ ସହ ୨ ଗିରଫ

ବ୍ରହ୍ମପୁର, ୨୬/୨(ସୁବାସଚନ୍ଦ୍ରପାଢ଼ୀ)

ବ୍ରହ୍ମପୁର ମିନିଟ୍ରକ୍ ଆସୋସିଏଶନ ସହରକୁ ଆସୁଥିବା ବିଭିନ୍ନ ଟ୍ରକରୁ ୩ଶହ ଟଙ୍କା ଚାନ୍ଦା ଆଦାୟ କରୁଥିବା ନେଇ ବଡ଼ବଜାର ଥାନାରେ ୨ଟି ଅଭିଯୋଗ ହୋଇଥିଲା। ଏହା ଆଧାରରେ ପୋଲିସ ସୋମବାର ମିନିଟ୍ରକ ଆସୋସିଏଶନର ସମ୍ପାଦକ ବିଶ୍ୱଜିତ ମହାନ୍ତି ଓ ସଦସ୍ୟ ସୀମାଞ୍ଚଳ ପ୍ରଧାନଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ଗୋଟିଏ ଗାଡ଼ି (ଓଡି଼୦୭ଏଫ ୪୪୪୧) ଜବତ ହୋଇଛି । ୪ ଜଣଙ୍କ ନାମରେ ଏତଲା ହୋଇଥିବା ବେଳେ ୨ଜଣ ଗିରଫ ହୋଇଛନ୍ତି। ଆଉ ୨ ଜଣ ଫେରାର୍ ଥିବା ଆଇଆଇସି ସୌଭାଗ୍ୟ ସ୍ୱାଇଁ କହିଛନ୍ତି। ଗତ ୨୩ ତାରିଖରେ ଭୁବନେଶ୍ୱର ମଞ୍ଚେଶ୍ୱର ଅଞ୍ଚଳର ସୁଶାନ୍ତ କୁମାର ରଣା ଅଭିଯୋଗ କରିଥିଲେ ଯେ, ତାଙ୍କ ଟ୍ରକ (ଓଡି଼୦୨ବିଡି ୭୮୩୫)କୁ ଅଟକାଇ ଅଭିଯୁକ୍ତମାନେ ୩ଶହ ଟଙ୍କା ଜୋର୍ ଜବରଦସ୍ତ ନେଇଥିଲେ । ଏତଲା ପ୍ରକାରେ ବଡ଼ବଜାର ଥାନାରେ ନଂ. ୭୨/୨୪ରେ ମାମଲା ରୁଜୁ ହୋଇଥିଲା। ୨୫ତାରିଖରେ ପୁରୀ ଜିଲା କଣାସର ଟ୍ରକ ମାଲିକ ସୀତାରାମ ଶ୍ରୀଚନ୍ଦନ ଅଭିଯୋଗ କରିଥିଲେ ଯେ, ତାଙ୍କ ଟ୍ରକ (ଓଡି଼୦୨ସିଏସ-୫୨୧୪)ର ଡ୍ରାଇଭରଙ୍କ ଠାରୁ ୩ଶହ ଟଙ୍କା ଫୋନ ପେ ଜରିଆରେ ଚାନ୍ଦା ଆଦାୟ କରାଯାଇଥିଲା।

### ଦକ୍ଷିଣାଞ୍ଚଳ ରେଞ୍ଜର ୮ଇନ୍ସପେକ୍ଟରଙ୍କ ବଦଳି

ବ୍ରହ୍ମପୁର, ୨୬।୨ (ସୁବାସ ଚନ୍ଦ୍ର ପାଢ଼ୀ)

ଦକ୍ଷିଣାଞ୍ଚଳ ପୋଲିସ ରେଞ୍ଜ ଆଇଜିଙ୍କ କାର୍ଯ୍ୟାଳୟ ପକ୍ଷରୁ ୮ ଇନ୍ସପେକ୍ଟର୍ (ଆଇଆଇସି)ଙ୍କ ଅଦଳ ବଦଳି ତାଲିକା ପ୍ରକାଶ ପାଇଛି। କିଛିମାସ ତଳେ ବ୍ରହ୍ମପୁର ପୋଲିସ ଜିଲାରୁ ଗଜପତି ଜିଲାକୁ ବଦଳି ହୋଇଥିବା ଆଇଆଇସି ପ୍ରଶାନ୍ତ ଭୂପତିଙ୍କ ପୁନଃ କନ୍ଧମାଳ ପୋଲିସ ଜିଲାକୁ ବଦଳି ହୋଇଛି। ସେହିପରି ଗଜପତି ଜିଲାରୁ ବଦଳି ହୋଇ ଆସିଥିବା ଗୋପାଳପୁର ଥାନା ଆଇଆଇସି ବିବେକାନନ୍ଦ ସ୍ୱାଇଁଙ୍କ ଗଞ୍ଜାମ ପୋଲିସ ଜିଲାକୁ ଓ ଆଇଆଇସି ଅରୁଣ କୁମାର ସିଂଙ୍କ ଗଞ୍ଜାମରୁ ବ୍ରହ୍ମପୁର ପୋଲିସ ଜିଲାକୁ ବଦଳି ହୋଇଛି। ଗଜପତି ପୋଲିସ ଜିଲାରେ କାର୍ଯ୍ୟରତ ୨ ଆଇଆଇସି ସୁନିଲ କୁମାର ବେହେରା ଓ ବସନ୍ତ କୁମାର ସେଠୀଙ୍କ ବୌଦ୍ଧ ପୋଲିସ ଜିଲାକୁ ବଦଳି ହୋଇଛି। ସେହିପରି କନ୍ଧମାଳ ଜିଲାରେ କାର୍ଯ୍ୟରତ ୨ ଆଇଆଇସି ତରୁଣ ତପନ ବେହେରା ଓ ଗୋପୀନାଥ ପ୍ରଧାନଙ୍କ ଗଜପତି ଜିଲାକୁ ଓ ବୌଦ୍ଧ ଜିଲାରେ କାର୍ଯ୍ୟରତ ରଞ୍ଜିତ କୁମାର ମୁନିଙ୍କ ଗଜପତି ଜିଲାକୁ ବଦଳି ହୋଇଛି।

### ନୂଆପଡ଼ାରେ ପିଲାଚୋର ଆତଙ୍କ

ଚିକିଟି,୨୬।୨(ପ୍ରକାଶ ଚନ୍ଦ୍ର ସାହୁ)- ଚିକିଟି ବ୍ଲକ ନୂଆପଡା ଗ୍ରାମରେ ପିଲାଚୋର ଆତଙ୍କ ସୃଷ୍ଟି ହୋଇଛି। ବ୍ରହ୍ମଣ ନୂଆପଡା ସାହିର ପଞ୍ଚମ ଶ୍ରେଣୀ ଛାତ୍ର ବି. ଅମିତ କୁମାର ନିଲମ୍ବା ଛକରେ ସାଙ୍ଗମାନଙ୍କ ସହିତ ଖେଳୁଥିବା ବେଳେ ଏକ ବାଇକରେ ୨ ଦୁର୍ବୃତ୍ତ ଆସି ତାଙ୍କ ପାଟିରେ ପଟି ବାନ୍ଧି ବାଇକରେ ଅପହରଣ କରି ନେଉଥିଲେ। ଖେଳପଡିଆ ନିକଟରେ ଅମିତ ପାଟିରେ ବନ୍ଧା ହୋଇଥିବା ପଟିକୁ ଖୋଲି ଚିତ୍କାର କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଛାଡି ପଳାଇଥିଲେ । ଅମିତ ସବୁ କଥା କହିବା ପରେ ଅଞ୍ଚଳରେ ପିଲାଚୋର ଭୟ ସୃଷ୍ଟି ହୋଇଛି । କିଛି ଦିନ ତଳେ ପାତ୍ରପୁର ବ୍ଲକରୁ ଏକ ନାବାଳିକୁ ଅପହରଣ କରାଯାଉଥିବା ବେଳେ ତାଙ୍କ ଚିତ୍କାର ଶୁଣି ଦୁର୍ବୃତ୍ତମାନେ ଛାଡି ପଳାଇଥିଲେ।

### ଚକ୍ଷୁ ପରୀକ୍ଷା ଶିବିର

ଆସିକା,୨୬।୨(ସୁରେନ୍ଦ୍ରନାଥ ସାହୁ)

ଆସିକା ବ୍ଲକର ଭେଟନେଇ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସୋମବାର ଦିନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସୁନେତ୍ର ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ତନ୍ମୟୀ ନାହାକ, ଭେଟନେୟୀ ସରପଞ୍ଚ ନମିତା ଜେନା, ପ୍ରଧାନ ଶିକ୍ଷକ ଶିବରାମ ଗୌଡ, ଉମେଶ ନାୟକ, ଶୁଭ୍ରାଂଶୁ ଶେଖର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।

# କଳାବଜାରରେ ରନ୍ଧନ ଗ୍ୟାସ

ବ୍ରହ୍ମପୁର,୨୬।୨(ସୁବାସ ଚନ୍ଦ୍ର ପାଢ଼ୀ)



ଗ୍ୟାସ ସିଲିଣ୍ଡର ।

■ ଓଜନ, ଲିକେଜ ଯାଞ୍ଚ ହେଉନି
■ ବିପଦକୁ ଆମନ୍ତ୍ରଣ କରୁଛି ଲାଭ ଆଶା

ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ଗ୍ୟାସ କଳାବଜାର ବୃଦ୍ଧି ପାଇବାରେ ଲାଗିଛି। ବିଦ୍ୟୁତ ଶୁଳ୍କ ବୃଦ୍ଧି ଯୋଗୁ ଘରୋଇ ଏବଂ ବ୍ୟବସାୟିକ କ୍ଷେତ୍ରରେ ରନ୍ଧନ ଗ୍ୟାସ ଚାହିଦା ବଢ଼ିଛି। ଲାଭ ଆଶା ରଖି କେତେଜଣ ବ୍ୟବସାୟୀ ଏହାର ଫାଇଦା ନେଇ ଗ୍ୟାସ ସିଲିଣ୍ଡରଗୁଡ଼ିକୁ ବେଆଇନ ଭାବେ ଗଚ୍ଛିତ କରି ରଖୁଛନ୍ତି। ଯାହାକି, ବିପଦର କାରଣ ସାଜୁଛି। ୨ ବର୍ଷ ତଳେ ଜିଲାରେ ଏକ ଭୟାନକ ବିସ୍ଫୋରଣ ଘଟଣା ଘଟିଥିଲେ ବି କେହି ସୁଧୁରୁନାହାନ୍ତି। ଯୋଗାଣ ବିଭାଗର ଏଥିପ୍ରତି ନିଘା ରହୁନି। ୨୦୨୨ ଜୁଲାଇ ୨୨ ତାରିଖରେ ଗୋପାଳପୁର ଥାନା ରାମଚନ୍ଦ୍ରପୁର ଗ୍ରାମରେ ବେଆଇନ ଭାବେ ଗଚ୍ଛିତ ଗ୍ୟାସ ସିଲିଣ୍ଡର ଗୋଦାମରେ ବିସ୍ଫୋରଣ ଘଟିଥିଲା। ଭେପର କ୍ଲାଉଡ଼ ଏକ୍ସପୋଜନ ଅଫ ଏଲ୍‌ପିଜି, ବନ୍ଦ ଥିବା କୋଠରୀରେ ଗ୍ୟାସ ଲିକେଜ କାରଣରୁ ବିସ୍ଫୋରଣ ହୋଇଥିଲା ବୋଲି ତତ୍କାଳୀନ ସହକାରୀ ଅଗ୍ନିଶମ ଅଧିକାରୀ ସନ୍ତୋଷ ପାଣିଗ୍ରାହୀ କହିଥିଲେ। ଉକ୍ତ ଦୁର୍ଘଟଣାରେ ଉକ୍ତ ଗୋଦାମର ମାଲିକ ଦେବରାଜ ନାୟକ ଓ ତାଙ୍କ ସାନ ପୁଅ ଅଶୋକ ନାୟକଙ୍କ ଚିକିତ୍ସାଧୀନ ଅବସ୍ଥାରେ କଟକ ବଡ ମେଡିକାଲରେ ମୃତ୍ୟୁ ଘଟିଥିଲା। ବିସ୍ଫୋରଣ ଶବ୍ଦରେ ଆଖପାଖ ଅଞ୍ଚଳ ଥରି ଉଠିଥିଲା। ଗୋପାଳପୁର ପୋଲିସ ଘଟଣାସ୍ଥଳରୁ ଏକ ଅଟୋରେ ରିଫିଲିଂ ପରେ ଭର୍ତ୍ତି ହୋଇଥିବା ୬୫ ସିଲିଣ୍ଡର ସେଠାରୁ ଜବତ କରିଥିଲା। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ମୃତ ଦେବରାଜଙ୍କ ଅନ୍ୟତମ ପୁଅ ତଥା ବର୍ତ୍ତିଯାଇଥିବା ଦୈତାରୀ ନାୟକ ଓ ବ୍ରହ୍ମପୁର ଇଣ୍ଡେନ ଗ୍ୟାସ ମାଲିକ ତ୍ରିଲୋଚନ ପାଣିଗ୍ରାହୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଦେବରାଜ ଓ ତାଙ୍କର ଦୁଇ ପୁଅ ୧୦ ବର୍ଷ ଧରି ବ୍ରହ୍ମପୁର ଇଣ୍ଡେନ ଗ୍ୟାସରେ ଡେଲିଭରି କାମ କରୁଥିଲେ ବୋଲି ତଦନ୍ତ ବେଳେ ଜଣାପଡିଥିଲା। ପ୍ରତିଦିନ ସେମାନେ ବାଳ ସୁଧାର ଗୃହ ସମ୍ମୁଖ ଇଣ୍ଡେନ ଡ଼ିପୋରୁ ଗ୍ୟାସ ଆଣି ଗ୍ରାହକଙ୍କୁ ଦେଉଥିଲେ। ବଳକା ଗ୍ୟାସ ସିଲିଣ୍ଡରଗୁଡ଼ିକୁ ଅଫିସରେ ଫେରାଇବା ବଦଳରେ ଦୈତାରୀ ରାମଚନ୍ଦ୍ରପୁରସ୍ଥିତ ନିଜ ଗୋଦାମରେ ରଖୁଥିଲେ। ସେଠାରୁ ସେମାନେ ବେଆଇନ ଭାବେ ଗ୍ରାହକଙ୍କୁ ଦେଉଥିଲେ। ସେପଟେ ବିଭିନ୍ନ ଗ୍ୟାସ ଏଜେନ୍ସିମାନେ ବ୍ୟବହାର କରୁଥିବା ସିଲିଣ୍ଡର ପରିବହନ ଗାଡ଼ି ଅବସ୍ଥା ନ କହିଲେ ଭଲ। ଅନେକ ଗାଡିର ଫିଟନେସ ଯାଞ୍ଚ ହେଉ ନାହିଁ। ଏଣେ ଅନେକ ଏଜେନ୍ସି ସେମାନଙ୍କ ଗ୍ୟାସ ଡେଲିଭରି ବେଳେ ଓଜନ କରୁନାହାନ୍ତି କି ଲିକେଜ ବି ଦେଖୁନାହାନ୍ତି। ଫଳରେ ଗ୍ୟାସ ଓଜନରେ କମ ଥିଲେ ବି ସେମାନେ ଅଭିଯୋଗ କରିପାରୁନାହାନ୍ତି। ଏହାଦ୍ୱାରା ଲୋକଙ୍କ ଧନଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ତେଣୁ ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ସଂକ୍ରାନ୍ତରେ ଇଣ୍ଡେନ ଗ୍ୟାସର ଏରିଆ ମ୍ୟାନେଜର ସୋମନାଥ ଦାସଙ୍କୁ ପଚାରିବାରୁ ସେ କହିଲେ, ଆଇଓସିଏଲର କୌଣସି ଡିଲର ଯଦି ଏଭଳି ବେଆଇନ କାମ କରିବା ପ୍ରମାଣ ମିଳେ ତେବେ ସେମାନଙ୍କ ଲାଇସେନ୍ସ ରଦ୍ଦ କରାଯିବ। ଏଥିସହ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଲକ୍ଷାଧିକ ଟଙ୍କାର ଗହଣା ଲୁଟିନେଲେ ଦୁର୍ବୃତ୍ତ

ଚିକିଟି,୨୬।୨(ପ୍ରକାଶ ଚନ୍ଦ୍ର ସାହୁ)

ବ୍ରହ୍ମପୁର ପୋଲିସ ଜିଲା କେ.ନୂଆଗାଁ ଥାନା ଅନ୍ତର୍ଗତ ଚିକିଟି ମୁଖ୍ୟ ବଜାରର ପି ନାଗେଶ୍ୱର ସୁବୁଦ୍ଧିଙ୍କ ଘରୁ ରବିବାର ମଧ୍ୟରାତ୍ରିରେ ଚୋରି ହୋଇଛି। ୨ ରୁ ୩ ଜଣ ଦୁର୍ବୃତ୍ତ ଦାଣ୍ଡପଟୁ ଲୁହାଗେଡା ତାଡ଼ି ଲକ୍ଷାଧିକ ଟଙ୍କାର ସୁନା ଗହଣା ଏବଂ ୧୦ ହଜାର ଟଙ୍କା ଲୁଟିନେଇ ଫେରାର ହୋଇଥିବା ପି ନାଗେଶ୍ୱର ସୁବୁଦ୍ଧି କେ ନୂଆଗାଁ ଥାନାରେ ଅଭିଯୋଗ କରିଛନ୍ତି। ପି.ନାଗେଶ୍ୱର ଓ ତାଙ୍କ ପରିବାର ଲୋକେ ଶୋଇଥିଲେ। ମଧ୍ୟରାତ୍ରିରେ ଦୁର୍ବୃତ୍ତ ଘରର ଦାଣ୍ଡପଟୁ କୌଶଳକ୍ରମେ ଗେଡାତାଡ଼ି ଆଲମିରାରେ ରଖାଯାଇଥିବା ୫୦ ଭରି ଓଜନର ବିଭିନ୍ନ ଅଳଙ୍କାର ଲୁଟିନେଇ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। କେ.ନୂଆଗାଁ ଥାନା କେସ ନମ୍ବର ୫୮/୨୪ ପ୍ରକାରେ ସୋମବାର ଚିକିଟି ଏସଡିପିଓ ସୁଜିତ କୁମାର ନାୟକ, କେ.ନୂଆଗାଁ ଥାନାଧିକାରୀ କିଶୋର କୁମାର ସାମଲ ଏବଂ ସାଇଣ୍ଟିଫିକ ଟିମ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ୧ ବର୍ଷ ମଧ୍ୟରେ ଚିକିଟିପେଣ୍ଠ ଏବଂ ଏହାର ଆଖପାଖ ଗ୍ରାମାଞ୍ଚଳରେ ପ୍ରାୟ ୧୦ ରୁ ଊର୍ଦ୍ଧ୍ୱ ମଠ ମନ୍ଦିରରେ ଚୋରି ବୃଦ୍ଧି ପାଇଛି କିନ୍ତୁ ଚୋରକୁ କାବୁ କରିବାରେ ପୋଲିସ ସଫଳ ପାଇପାରିନାହିଁ। ଏଣୁ ଦିବା ଓ ରାତ୍ରି ପେଟ୍ରୋଲିଂ କରିବାକୁ ଜନସାଧାରଣ ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କରେ କେ.ନୂଆଗାଁ ଥାନାଧିକାରୀ କିଶୋର କୁମାର ସାମଲଙ୍କୁ ପଚାରିବାରୁ ଶୀଘ୍ର ଲୁଟେରାଙ୍କୁ କାବୁ କରାଯିବ ବୋଲି କହିଛନ୍ତି।

## ଲୋକକଳା ମାଧ୍ୟମରେ ସଚେତନତା

ଆସିକା,୨୬।୨(ସୁରେନ୍ଦ୍ରନାଥ ସାହୁ)

ଆସିକା ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ରାଜ୍ୟ ସରକାରଙ୍କ ଦ୍ୱାରା ଚିହ୍ନଟ କଳାକାରଙ୍କ ଦ୍ୱାରା ଲୋକକଳା ମାଧ୍ୟମରେ ବିଭିନ୍ନ ସରକାରୀ ଯୋଜନାର ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିଛି । ସୋମବାର ଦିନ ଆସିକା ବ୍ଲକର ବାବନପୁର, ବାଲିଛାଇ, ବଡଖୋଲି, ଚଡିଆପଲ୍ଲୀ, ଗହଙ୍ଗୁ, ଗଙ୍ଗାପୁର, ଗୁଣ୍ଡପଡା, ହରିଡାପଦର, କେନ୍ଦୁପଦର, ଖଣ୍ଡଦେଉଳି ଓ ଖାରିଆ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଙ୍ଗୀନ ମାଧ୍ୟମରେ କଳାକାରମାନେ ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମମତା ଯୋଜନା, ମିଶନ ଶକ୍ତି, ୫ଟି ଆଧାରରେ ହାଇସ୍କୁଲ ରୂପା'ରଣ, ଆମ ବ୍ୟାଙ୍କ, କ୍ରୀଡା ଆଦି ୧୫ଟି ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲା । ଗତ ୨ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅଦ୍ୟାବଧି ଏହି ବ୍ଲକର ୨୭ଟି ପଞ୍ଚାୟତର ୧୩୧ ଗ୍ରାମରେ ୭୩୦ କାର୍ଯ୍ୟକ୍ରମ ସରିଥିବା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆକାଶିନା ନାୟକ ସୂଚନା ଦେଇଛି ।

### ବ୍ୟବସାୟ ଆଳରେ ୨ ଲକ୍ଷ ଠକେଇ

ବ୍ରହ୍ମପୁର, ୨୬।୨(ସୁବାସ ଚନ୍ଦ୍ର ପାଢ଼ୀ)

ସାନଖେଜୁରିଆ ଅଞ୍ଚଳର ବ୍ୟବସାୟୀ ସତ୍ୟନାରାୟଣ ପାଢ଼ୀ ରାଜସ୍ଥାନର ଜୟପୁରରୁ ସାମଗ୍ରୀ କିଣିବା ପାଇଁ ସେଠାକାର ଜଣେ ବ୍ୟବସାୟୀଙ୍କ ସହ ଚୁକ୍ତି କରି ୨ଲକ୍ଷ ଟଙ୍କା ଠକାମିର ଶିକାର ହୋଇଛନ୍ତି। ବ୍ୟବସାୟୀ ଜଣଙ୍କ ଏ ନେଇ ବ୍ରହ୍ମପୁର ସାଇବର ଥାନାରେ ଅଭିଯୋଗ କରିଛନ୍ତି। ସତ୍ୟନାରାୟଣଙ୍କ ଘର ଗୋସାଣିନୂଆଗାଁରେ। ସାନଖେଜୁରିଆ ନିକଟ ଜାତୀୟ ରାଜପଥ ପାର୍ଶ୍ୱରେ ତାଙ୍କର ଏକ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। ଲୁହା କଡେଇ କିଣିବାକୁ ସେ ଗତ ଜାନୁଆରୀ ୨୫ ତାରିଖରେ ଏକ ସଂସ୍ଥାର ପ୍ରୋପାଇଟର୍ ଅନିଲ କୁମାରଙ୍କ ସହ ଯୋଗାଯୋଗ କରିଥିଲେ। ଚୁକ୍ତି ମୁତାବକ ୨ଲକ୍ଷ ଟଙ୍କା ଅଗ୍ରୀମ ଆକାରରେ ଦେବାସହ ଆବଶ୍ୟକ ଲୁହା କଡେଇ ଅର୍ଡର କରିଥିଲେ। କିନ୍ତୁ ଏଯାବତ ତାଙ୍କ ପାଖରେ ଅର୍ଡର ସାମଗ୍ରୀ ପହଞ୍ଚିନାହିଁ। ଏପରିକି ତାଙ୍କ ଫୋନ କଲ ଉକ୍ତ ସଂସ୍ଥାର ପ୍ରୋପାଇଟର୍ ଉଠାଉ ନ ଥିବାରୁ ଠକାମିର ଶିକାର ହୋଇଥିବା ଥାନାରେ ଏତଲା ଦେଇଛନ୍ତି। ନଂ.୯/୨୪ରେ ମାମଲା ରୁଜୁ ହୋଇଛି।

## ଦୋକାନରୁ ଚୋରି ଅଭିଯୋଗ

ବ୍ରହ୍ମପୁର, ୨୬।୨(ସୁବାସ ଚନ୍ଦ୍ର ପାଢ଼ୀ)

ନିମଖଣ୍ଡି ଥାନା କୋଣାର୍କନଗରର ଏକ ଦୋକାନର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ଚୋରି କରିଥିବା ଅଭିଯୋଗ ହୋଇଛି। ଦୋକାନୀ ଡି.ମନୋଜ ପ୍ରଧାନଙ୍କ ଏତଲା ଅନୁଯାୟୀ ଗତ ୨୨ତାରିଖ ରାତିରେ କେହି ଦୁର୍ବୃତ୍ତ ତାଲା ଭାଙ୍ଗି ଦୋକାନରେ ପଶିଥିଲେ। ହଜାରେ ଟଙ୍କା ସହ ଆଇସକ୍ରିମ, ଚକଲେଟ, ମୃଦୁପାନୀୟ, ସ୍ନାକ୍ସ, ସିଗାରେଟ ଆଦି ଚୋରି ହୋଇଛି, ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୨୦ ହଜାର ଟଙ୍କା ହେବ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ.୫୫/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଭଞ୍ଜନଗରକୁ ମ୍ୟୁନିସିପାଲିଟି ଘୋଷଣା ଦାବିରେ ଧାରଣା

ଭଞ୍ଜନଗର,୨୬।୨(ବାବୁଲା ପ୍ରଧାନ)

ଭଞ୍ଜନଗର ଏନ୍‌ଏସିକୁ ମ୍ୟୁନିସିପାଲିଟି ଘୋଷଣା କରିବା ଦାବି ନେଇ ସୋମବାର ସ୍ଥାନୀୟ ନାଗରିକ ମଞ୍ଚ ପକ୍ଷରୁ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଦାବି ପୂରଣ ପର୍ଯ୍ୟନ୍ତ ଦୈନନ୍ଦିନ ଅପରାହ୍ନ ୧ ଟାରୁ ୨ଟା ପର୍ଯ୍ୟନ୍ତ ଏପରି ଧାରଣା ଦିଆଯିବ। ଆନ୍ଦୋଳନକୁ ବିଭିନ୍ନ ସଙ୍ଗଠନ ସମର୍ଥନ ଜଣାଇଛନ୍ତି। ବାର ଆସୋସିଏଶନ୍ ସଭାପତି ଅଭିମନ୍ୟୁ ଗୌଡ, ବିଶ୍ୱ ହିନ୍ଦୁ ପରିଷଦ ନେତା ମୂରଲୀଧର ପଣ୍ଡା, କଂଗ୍ରେସ ନେତା ସନ୍ତୋଷ ନାୟକ, ରବି ଦାସ, ଆଇନଜୀବୀ ଖରାଂଶୁ ଶେଖର ଦାସ, ଅଳକା ମଞ୍ଜରୀ ପଟ୍ଟନାୟକ ପ୍ରମୁଖ ଆନ୍ଦୋଳନକୁ ସମର୍ଥନ ଜଣାଇ ଧାରଣାରେ ବସିଥିଲେ।

# ଆଇଟିଆଇର ୧୫୬୬ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ପତ୍ର



ନିଯୁକ୍ତି ପତ୍ର ପାଇଥିବା ଆଇଟିଆଇ ଛାତ୍ରୀଛାତ୍ର।

ବ୍ରହ୍ମପୁର,୨୬।୨(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ଶିଳ୍ପ ତାଲିମ ବୈଷୟିକ ଅନୁଷ୍ଠାନ (ଆଇଟିଆଇ) ପକ୍ଷରୁ ସୋମବାର ଭର୍ଚୁଆଲ ମାଧ୍ୟମରେ ୧୫୬୬ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ଦେଶର ନାମୀଦାମୀ କମ୍ପାନୀରେ ଏମାନେ ନିଯୁକ୍ତି ପାଇଛନ୍ତି। ଗତ ୩ ତାରିଖରୁ ଆଇଟିଆଇଠାରେ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ୪୦୪ ଛାତ୍ରୀ ଭାଗ ନେଇଥିଲେ। ଦେଶର ୧୮ କମ୍ପାନୀ ଏହି ଯୋଗଦେଇ ଛାତ୍ରୀଛାତ୍ର ଚୟନ କରିଥିଲେ। କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ ଯୋଗଦେଇ ନିଯୁକ୍ତି ପତ୍ର ପ୍ରଦାନ କରି ବ୍ରହ୍ମପୁର ଆଇଟିଆଇର କାର୍ଯ୍ୟ ଦକ୍ଷତାକୁ ପ୍ରଶଂସା କରିଥିଲେ। ଏହି କାରଣରୁ ଆଇଟିଆଇ ଜାତୀୟ ସ୍ତରରେ ୧ ନଂ ହୋଇଛି। ସୁଦକ୍ଷା ହିଁ ଦକ୍ଷତାର ବିକାଶ ବୋଲି ସେ କହିଥିଲେ। ଆସନ୍ତା ମାର୍ଚ୍ଚ ପ୍ରଥମ ସପ୍ତାହରେ ଆଇଟିଆଇର ପ୍ରଥମ ବର୍ଷ ଛାତ୍ରୀଛାତ୍ର ପ୍ରଶିକ୍ଷଣ ନିମନ୍ତେ ଜଙ୍ଗସନ କମ୍ପାନୀକୁ ଯିବେ ବୋଲି ଆଇଟିଆଇ ଅଧ୍ୟକ୍ଷ ଡ. ରଜତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ପୋଖରୀ ପୁନରୁଦ୍ଧାର କାର୍ଯ୍ୟାଦେଶ ବଣ୍ଟନ

ବ୍ରହ୍ମପୁର,୨୬।୨(ସ୍ମୃତିରଞ୍ଜନ ମହାଲିକ): ବ୍ରହ୍ମପୁର ମହାନଗର ନିଗମରେ ଥିବା ପୋଖରୀଗୁଡିକର ପୁନରୁଦ୍ଧାର ପାଇଁ ଆମ ପୋଖରୀ ଯୋଜନାରେ ସାମିଲ କରାଯାଇଛି। ସହରାଞ୍ଚଳ ଜଳାଶୟ ନବୀକରଣ କାର୍ଯ୍ୟକ୍ରମ ଜରିଆରେ ମିଶନଶକ୍ତି ଅଧୀନରେ ଥିବା ୨୦ ସ୍ୱୟଂ ସହାୟକ ଗୋଷ୍ଠୀକୁ ସମସ୍ତ କାର୍ଯ୍ୟର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବା ବିଏମସି ପକ୍ଷରୁ ସୋମବାର ପ୍ରକାଶିତ ଏକ ବିଜ୍ଞପ୍ତିରୁ ଜଣାପଡିଛି। ସେଗୁଡିକ ହେଲା ୪୦ନଂ ୱାର୍ଡରେ ଥିବା ଆଙ୍କୁଲି ବଡ଼ବନ୍ଧ, ବଡ଼ଗୁଡ଼ିଆ ବନ୍ଧ, ବଇତରା ବନ୍ଧ, ୩୪ନଂ. ୱାର୍ଡ ଭାବାନଗର ବନ୍ଧ, ୨୮ ନଂ. ୱାର୍ଡରେ ଥିବା ଦଉଳ ବନ୍ଧ ଓ ନାଇଡୁ ବନ୍ଧ, ୩୭ନଂ. ୱାର୍ଡରେ ଥିବା ଗଡ଼ଡ଼ ବନ୍ଧ, ୪୨ ନଂ. ୱାର୍ଡରେ ଥିବା ରେଡ଼ିକା ବନ୍ଧ, ୪୧ ନଂ. ୱାର୍ଡରେ ଥିବା ରାଉତ ବନ୍ଧ। ବିଏମସି ସମ୍ମିଳନୀ କକ୍ଷରେ ମେୟର ସଂଘମିତ୍ରା ଦଳାଇ, କମିଶନର ଭବାନୀ ପ୍ରସାଦ ମିଶ୍ର, ଡେପୁଟି ମେୟର ଇ.ବିବେକ ରେଡ୍ଡି, କର୍ପୋରେଟର ଇ.ତ୍ରିପତି ପାତ୍ର, ପାର୍ବତୀ ପ୍ରଧାନ, ଯନ୍ତ୍ରୀ ଲଳିତ ଦାସ, ଯନ୍ତ୍ରୀ ନାଗେଶ୍ୱର ସୁବୁଦ୍ଧି ଓ ବରିଷ୍ଠ ଗୋଷ୍ଠୀ ସଂଗଠିକାଙ୍କ ଉପସ୍ଥିତିରେ ଏହି କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି।



କାର୍ଯ୍ୟକ୍ରମରେ ମେୟର ଓ କମିଶନରଙ୍କ ସମେତ ଅନ୍ୟମାନେ।

## ଚୁଡ଼ିଆଲାଞ୍ଜିରେ ଡବଲ ମର୍ଡର ଘଟଣାର ପର୍ଦ୍ଦାଫାଶ

ପାତ୍ରପୁର,୨୬।୨(ଉମା ଚରଣ ନେପାକ)

■ ହତ୍ୟାକାରୀ ମାଇଁ-ଭଣଜାଙ୍କୁ କୋର୍ଟ ଚାଲାଣ
■ ଅନୈତିକ ସମ୍ପର୍କ ଦେଖିଥିଲେ ବୋଲି ତଣ୍ଟି ଚିପିଥିଲେ

ଗଞ୍ଜାମ ଜିଲା ଜରଡା ଥାନା ଚୁଡିଆଲାଞ୍ଜି ଗ୍ରାମରେ ଗତ ସୋମବାର ଦାଲି ନୀଳାବେଣି ଓ ତାଙ୍କ ୭ ବର୍ଷର ପୁଅ ରିତିକଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଥିଲା। ଏହି ଘଟଣାରେ ସୋମବାର ଜରଡ଼ା ଥାନା ପୋଲିସ ମାଇଁ ଭଣଜାଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଡି ଗୁନାମ୍ମା ଓ ଜି ଦେବେନ୍ଦ୍ର।

ଜରଡା ଥାନା ଚୁଡିଆଲାଞ୍ଜି ଗ୍ରାମର ଦାଲି ମୋହନଙ୍କ ସାନ ଭାଇଙ୍କ ସ୍ତ୍ରୀ ହେଉଛନ୍ତି ଡି ଗୁନାମ୍ମା। ଡି ଗୁନାମ୍ମାଙ୍କ ସହିତ ଜି ଦେବେନ୍ଦ୍ରଙ୍କ ଅନୈତିକ ସମ୍ପର୍କ ଥିଲା। ଉଭୟ ସମ୍ପର୍କରେ ମାଇଁ ଭଣଜା ହୋଇଥିବା ସତ୍ତ୍ୱେ ସମ୍ପର୍କରେ ରହିଥିଲେ। ଏହାକୁ ଦାଲି ନୀଳାମଣି ଦେଖିଦେଇଥିଲେ। ଘଟଣା ପ୍ରଘଟ ହେବା ଭୟରେ ମାଇଁ ଭଣଜା ମିଶି ନୀଳାମଣିଙ୍କୁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲେ। ଯୋଜନା ପ୍ରକାରେ, ଗତ ୧୯ ତାରିଖ ରାତିରେ ଦେବେନ୍ଦ୍ର ନୀଳାବେଣୀଙ୍କ ଘରେ ପଶି ତାଙ୍କ ତଣ୍ଟିକୁ ଚିପି ଧରିଥିବା ବେଳେ ପାଖରେ ସୋଇଥିବା ପୁଅ ରିତିକ ନିଦରୁ ଉଠି ପଡି ଘଟଣା ସମ୍ପର୍କରେ ଜାଣି ଦେଇଥିଲା। ତେଣୁ ଧରା ପଡିଯିବା ଭୟରେ ସେମାନେ ଶିଶୁକୁ ମଧ୍ୟ ତଣ୍ଟି ଚିପି ହତ୍ୟା କରିଥିଲେ। ଖବର ପାଇ ନିଳାବେଣିଙ୍କ ସ୍ୱାମୀ ଦୁବାଇରୁ ପହଞ୍ଚି ଜରଡ଼ା ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ପୋଲିସ ନଂ. ୭୧/୨୪ରେ ମାମଲା ରୁଜୁ କରି ଜି ଦେବେନ୍ଦ୍ର ଓ ଡି ଗୁନାମ୍ମାଙ୍କୁ ଗତ ତିନି ଦିନ ହେଲା ଉଠାଇ ଆଣି ଜେରା କରିଥିଲା। ଚୋରା ପୀରତିର ପ୍ରଘଟ କରିବା ଆଶଙ୍କା କରି ଉଭୟ ହତ୍ୟାକାଣ୍ଡ କରିଥିବା ପୋଲିସ ଆଗରେ ମାନିଥିଲେ। ସୂଚନାଯୋଗ୍ୟ, ନିଲାବେଣୀଙ୍କ ସ୍ୱାମୀ ବାହାର ବାହାରେ ରହୁଥିଲେ। ତାଙ୍କ ବଡ଼ପୁଅ ଡି.ବିନୋଦ ଆନ୍ଧ୍ରରେ ହଷ୍ଟେଲରେ ରହି ପାଠ ପଢୁଥିବା ବେଳେ ସେ ଶାଶୁଙ୍କ ସହ ସାନପୁଅ ରିତିକକୁ ନେଇ ଘରେ ରହୁଥିଲେ।

## ବିଜେଡିରେ ମିଶିଲେ ୪ ଭାଜପା କର୍ପୋରେଟର

ବ୍ରହ୍ମପୁର,୨୬।୨(ନରସିଂହ ସାହୁ): ବ୍ରହ୍ମପୁର ମହାନଗର ନିଗମ (ବିଏମସି)ର ୪ ଭାଜପା କର୍ପୋରେଟର ସୋମବାର ବିଜେଡିରେ ସାମିଲ ହୋଇଛନ୍ତି। ସେମାନେ ହେଲେ ଗଞ୍ଜାମ ସାଙ୍ଗଠନିକ ଜିଲାର ଅନ୍ୟତମ ସମ୍ପାଦକ ପ୍ରଦୀପ କୁମାର ଶତପଥୀ, କର୍ପୋରେଟର ନୀଳକଣ୍ଠ ସାହୁ, ଡି. କରୁଣାକର ଓ ରଞ୍ଜିତା ବେହେରା। ଏହି ୪ ଜଣ ଭୁବନେଶ୍ୱର ଶଙ୍ଖ ଭବନକୁ ଯାଇଥିଲେ। ରାଜ୍ୟସଭା ଏମ୍‌ପି ମାନସ ମଙ୍ଗରାଜ ଓ ସସ୍ମିତ ପାତ୍ର ସମସ୍ତଙ୍କୁ ଉତ୍ତରୀୟ ପକାଇ ଦଳକୁ ସ୍ୱାଗତ କରିଥିଲେ। ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିଧାୟକ ବିକ୍ରମ ପଣ୍ଡା ଓ ଏଠାର ଆଉ କେତେଜଣ ବିଜେଡି, ସ୍ୱାଧୀନ କର୍ପୋରେଟର ସାଥିରେ ଯାଇଥିଲେ। ସନ୍ଧ୍ୟାରେ ସମ୍ପୃକ୍ତ କର୍ପୋରେଟରମାନେ ନବୀନ ନିବାସ ଯାଇ ୫-ଟି ଏବଂ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସାକ୍ଷାତ କରିଥିଲେ। ମିଳିମିଶି ନିଷ୍ଠାର ସହ ବ୍ରହ୍ମପୁର ସଙ୍ଗଠନକୁ ଅଧିକ ସୁଦୃଢ଼ କରିବାକୁ ପାଣ୍ଡିଆନ ପରାମର୍ଶ ଦେଇଥିଲେ।

ସୂଚନାଯୋଗ୍ୟ, ଗତ ୨୨ ତାରିଖରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ବ୍ରହ୍ମପୁର ଗସ୍ତରେ ଆସି ଭାଜପାର ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଦୀପ ପାଣିଗ୍ରାହୀଙ୍କ ଏକାନ୍ତ ଅନୁଗତ ଥିବା ମହାନଗର ବିଜେଡି ଉପସଭାପତି ତଥା ପୂର୍ବତନ କର୍ପୋରେଟର କେ. ଅନୀଲ କୁମାରଙ୍କ ସମେତ ୬ ରୁ ୭ ଜଣ ପୂର୍ବତନ କର୍ପୋରେଟର ଭାଜପାରେ ସାମିଲ ହୋଇଥିଲେ। ଏହାକୁ କାଉଣ୍ଟର କରିବା ପାଇଁ ବିଜେଡି ପକ୍ଷରୁ ରଣନୀତି କରାଯାଇଥିଲା। ୪ ଜଣ ସିଟିଂ କର୍ପୋରେଟରଙ୍କୁ ସୋମବାର ଶଙ୍ଖ ଭବନକୁ ନିଆଯାଇ ଭାଜପାକୁ ଚକ୍‌ମା ଦେଖାଯାଇଛି। ୨୦୨୨ ପୌର ନିର୍ବାଚନରେ ମହାନଗର ନିଗମର ୪୨ ୱାର୍ଡ ମଧ୍ୟରୁ ଦଳୀୟ ଚିହ୍ନରେ ହୋଇଥିବା ଭୋଟରେ ବିଜେଡି ୩୦ ଆସନରେ ଜିତିଥିଲା। ଭାଜପାରୁ ନିର୍ବାଚିତ ୭ ଜଣଙ୍କ ମଧ୍ୟରୁ ବ୍ରହ୍ମପୁର ବିଧାନସଭା କ୍ଷେତ୍ରରୁ ୫ ଓ ଗୋପାଳପୁର ସେଗମେଣ୍ଟ ଅନ୍ତର୍ଭୁକ୍ତ ୨ଟି ୱାର୍ଡରୁ ପଦ୍ମ ଦଳ କର୍ପୋରେଟର ଜିତିଥିଲେ। ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀର ୫ ଜଣଙ୍କ ମଧ୍ୟରୁ ଉପରୋକ୍ତ ୪ ବିଜେଡିରେ ଯୋଗ ଦେଇଛନ୍ତି। ଜଣେ ମହିଳା କର୍ପୋରେଟର ଦୂରେଇ ରହିଛନ୍ତି। ଭାଜପାର ବିଜୟ ସଂକଳ୍ପ ସମାବେଶରେ ନିର୍ବାଚିତ କର୍ପୋରେଟରଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଥିଲା। ଏହାର ସୁଯୋଗରେ ସେମାନଙ୍କୁ ବିଜେଡିକୁ ଟାଣିନେବାର ଯୋଜନା କରାଯାଇଥିଲା। ଗତ ରବିବାର ମଧ୍ୟରାତ୍ରରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା। ସୋମବାର ଭୋରରୁ ସେମାନଙ୍କୁ ଭୁବନେଶ୍ୱର ନିଆଯାଇଥିଲା। ନିର୍ବାଚନ ପୂର୍ବରୁ ୪ କର୍ପୋରେଟରଙ୍କ ଦଳଛଡ଼ା ଭାଜପାକୁ ଶକ୍ତ ଧକ୍କା ହୋଇଥିବା ଚର୍ଚ୍ଚା ହେଉଛି। ପ୍ରତିକ୍ରିୟାରେ ଭାଜପା ଜିଲା ସଭାପତି ଡ଼ା. ସୁବାସ ସାହୁ ଏହାର ପ୍ରଭାବ ପଡ଼ିବନି ବୋଲି ସୂଚାଇଛନ୍ତି। ଦଳ ବଦଳ ଆଇନରେ ପଦ ହରାଇବା ସମ୍ଭାବନା ଥିବା ସେ ଯୁକ୍ତି ବାଢ଼ିଛନ୍ତି। ଲୋଭନୀୟ ପ୍ରସ୍ତାବରେ ସେମାନେ ଦଳ ଛାଡ଼ିଥିବା ଡ଼ା. ସାହୁ କଟାକ୍ଷ କରିଛନ୍ତି।

## ଟିପିଏସ୍‌ଓଡିଏଲ୍ ଘେରାଉ କଲା ବିଦ୍ୟୁତ୍ ଶ୍ରମିକ ସଂଘ

ବ୍ରହ୍ମପୁର,୨୬।୨(ନରସିଂହ ସାହୁ): ରାଷ୍ଟ୍ରୀୟ ମଜଦୁର କଂଗ୍ରେସ (ଆଇଏନଟିୟୁସି) ଅନୁବନ୍ଧିତ ଓଡ଼ିଶା ରାଜ୍ୟ ବିଦ୍ୟୁତ ଶ୍ରମିକ ଓ କର୍ମଚାରୀ ସଂଘ ଦକ୍ଷିଣାଞ୍ଚଳ ଶାଖା ପକ୍ଷରୁ ସୋମବାର ବ୍ରହ୍ମପୁରସ୍ଥ ଟିପିଏସଓଡିଏଲ ମୁଖ୍ୟାଳୟକୁ ଘେରାଉ କରାଯାଇଥିଲା। ବିଦ୍ୟୁତ ଉପଭୋକ୍ତା ଓ କର୍ମଚାରୀଙ୍କୁ କରାଯାଉଥିବା ଶୋଷଣ ବିରୋଧରେ ଏହି ଆନ୍ଦୋଳନ ହୋଇଥିଲା। ଶତାଧିକ କର୍ମଚାରୀ ସହର ପରିକ୍ରମା କରିବା ବେଳେ ଟିପିଏସଓଡିଏଲ ବିରୋଧରେ ନାରାବାଜି କରିଥିଲେ। କର୍ପୋରେଟ ଦପ୍ତର ନିକଟରେ ପହଞ୍ଚି ଘେରାଉ କରିଥିଲେ।

ଆଇଏନଟିୟୁସି ଗଞ୍ଜାମ ଜିଲା ସଭାପତି ପୀତବାସ ପଣ୍ଡା ଓ ବିଦ୍ୟୁତ ଶ୍ରମିକ କର୍ମଚାରୀ ସଂଘ ରାଜ୍ୟ ସଭାପତି ପ୍ରଶାନ୍ତ କୁମାର ମହାପାତ୍ର ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀଙ୍କ ସମେତ ଦୀନବନ୍ଧୁ ମହାନ୍ତି, ପ୍ରଫୁଲ୍ଲ ପଟ୍ଟନାୟକ ଏବଂ ଆଇଏନଟିୟୁସି ଜିଲା ଯୁବ ସଂଗଠନ ସଭାପତି ଚିନ୍ମୟ କୁମାର ହୋତା ସାମିଲ ହୋଇଥିଲେ। ବିକ୍ଷୋଭ ସ୍ଥଳରେ ଆୟୋଜିତ ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟ ନାରାୟଣ ବିଶୋୟୀ, ଦିଲୀପ ସାହୁ, ସନ୍ଦୀପ ବେହେରା, ଦୁର୍ଗା ପ୍ରସାଦ ବେହେରା, କ୍ଷୀରୋଦ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ପୀତବାସ ଓ ଅନ୍ୟ ନେତାମାନେ ଉପଭୋକ୍ତାଙ୍କୁ ବିଭିନ୍ନ ଭାବରେ ଟିପିଏସଓଡିଏଲ କରୁଥିବା ଶୋଷଣ ବନ୍ଦ ନ ହେଲେ ଆଗାମୀ ଦିନରେ ପୁଣି ଆନ୍ଦୋଳନକୁ ଦୁର୍ବାର କରିବାର ଚେତାବନୀ ଦେଇଥିଲେ।

ସଂଘ ପକ୍ଷରୁ ଦୀର୍ଘଦିନ ଧରି କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀଙ୍କୁ ଅବିଳମ୍ବେ ସ୍ଥାୟୀ କରିବା, ଖାଲି ପଡ଼ିଥିବା କର୍ମଚାରୀ ପଦବୀ ପୂରଣ, କର୍ମଚାରୀଙ୍କୁ ଅତ୍ୟଧିକ ସମୟ ଖଟଣି ବନ୍ଦ କରିବା, ଅଘୋଷିତ ବିଜୁଳି କାଟରୁ ନିବୃତ୍ତ, ୧୦୦ ୟୁନିଟ ପର୍ଯ୍ୟନ୍ତ ମାଗଣାରେ ବିଦ୍ୟୁତ ଯୋଗାଇବା, ଲୋ-ଭୋଲଟେଜ୍ ସମସ୍ୟା ଦୂର ଏବଂ ଉପଭୋକ୍ତାଙ୍କ ସମସ୍ୟା ଶୁଣି ତୁରନ୍ତ ସମାଧାନ ଲାଗି ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ପ୍ରଚଳନ ପାଇଁ ଦାବି କରାଯାଇଛି। ଏହି ମର୍ମରେ କର୍ତ୍ତୃପକ୍ଷଙ୍କୁ ସ୍ମାରକପତ୍ର ପ୍ରଦାନ ସହ ଆଲୋଚନା କରାଯାଇଥିଲା।




ବିଦ୍ୟୁତ ଶ୍ରମିକ ସଂଘର ଟିପିଏସଓଡିଏଲ ମୁଖ୍ୟାଳୟ ଘେରାଉ କରାଯାଇଛି।

